ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.79 Bhubaneswar Sunday April 30 2023 | ୨୬ତମ ବର୍ଷ ସଂଖ୍ୟା-୭୯ ଭୁବନେଶ୍ୱର, ରବିବାର, ଅପ୍ରେଲ ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ସମ୍ବଲପୁର ହିଂସା ଘଟଣା: ଚିଠି ଲେଖି ଦିନକ ପୂର୍ବରୁ ଏସ୍‌ପି ଓ ଗୃହ ବିଭାଗକୁ ସତର୍କ କରିଥିଲା ଗୁଇନ୍ଦା ବିଭାଗ

ଭୁବନେଶ୍ୱର,୨୯।୪(ପି.ଏନ): ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ହିଂସା ନେଇ ଗୁଇନ୍ଦା ରିପୋର୍ଟକୁ ଅଣଦେଖା କଲା କି ପୁଲିସ କାରଣ ସମ୍ଭାବ୍ୟ ହିଂସାକୁ ଦେଖି ଗୁଇନ୍ଦା ବିଭାଗ ପକ୍ଷରୁ ସମ୍ବଲପୁର ଏସପିଙ୍କ ସମେତ ଗୃହ ବିଭାଗକୁ ଚିଠି ଲେଖାଯାଇଥିଲା। ଚିଠିରୁ ସ୍ପଷ୍ଟ ହେଉଛି, ହିଂସା ନେଇ ଜିଲ୍ଲା ଏସପିଙ୍କୁ ଆଗୁଆ ସତର୍କ କରିଥିଲା ଗୁଇନ୍ଦା ବିଭାଗ। ସମ୍ବଲପୁର ଏସପିଙ୍କୁ ଚିଠି ଲେଖି ସୂଚନା ଦେଇଥିଲେ ଗୁଇନ୍ଦା ଏସପି।୧୨ ତାରିଖରେ ଥିବା ରାଲି ନେଇ ୧୧ ତାରିଖରେ ଚିଠି କରିଥିଲେ। ସାଂପ୍ରଦାୟିକ ହିଂସା ଘଟିବା ସମ୍ଭାବନା ଥିବା ନେଇ ସତର୍କ କରାଇଥିଲେ। ହନୁମାନ ଜୟନ୍ତୀ ଶୋଭାଯାତ୍ରାର ତମାମ ରୁଟ୍ ଚାର୍ଟ ସହ ଶୋଭାଯାତ୍ରାକାରୀମାନେ ସ୍ଲୋଗାନବାଜି କରି ଯିବା ବେଳେ ରୁଟରେ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଅଧିକ ଲୋକ ବାସ କରୁଥିବା ଜଣାଇଥିଲେ। ଶୋଭାଯାତ୍ରା ସ୍ଲୋଗାନବାଜି ବେଳେ ହିଂସା ଘଟିପାରେ ବୋଲି ସତର୍କ କରିଥିଲେ।



## ପଶ୍ଚିମବଙ୍ଗରୁ ଧରାପଡିଲା ଅଲକାୟଦାର ଆଉ ଏକ ଆତଙ୍କବାଦୀ

କୋଲକାତା, ୨୯।୪(ପି.ଏନ): ପଶ୍ଚିମବଙ୍ଗ ପୋଲିସର ସ୍ପେଶାଲ ଟାକ୍ସ ଫୋର୍ସ (ଏସଟିଏଫ) ଅଲକାୟଦାର ଆଉ ଜଣେ ଆତଙ୍କବାଦୀକୁ ଗିରଫ କରିଛି । ତା'ର ନାମ ନାନୁ ମିୟାଁ । ଏସଟିଏଫର ପୋଲିସ ଅଧିକ୍ଷକ ଇନ୍ଦ୍ରଜିତ ବସୁ ଶନିବାର ସକାଳେ ଏନେଇ ସୂଚନା ଦେଇଛନ୍ତି । ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଆଜି ସକାଳ ସମୟରେ ଏହି ଆତଙ୍କବାଦୀକୁ ହାୱଡ଼ାରୁ ଗିରଫ କରାଯାଇଛି ।୪୦ ବର୍ଷୀୟ ନାନୁ ମିୟାଁ ମୂଳ ରୂପରେ କୁଚବିହାର ଜିଲ୍ଲାର ଦିନହଟାର ବାସିନ୍ଦା । ଗତ ବର୍ଷ ଅଗଷ୍ଟ ମାସରେ ଥାନାରେ ଏନେଇ ଏତଲା ଦାୟର୍ ହୋଇଥିଲା । ଏହି ଘଟଣାରେ ନାନୁକୁ ଗିରଫ କରାଯାଇଛି । ତା ବିରୋଧରେ ୟୁଏପିଏ ଧାରାରେ ମାମଲା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ।

## ନବ ଦାସ ହତ୍ୟାର ୯୦ ଦିନ ପରେ ବି କାରଣ ଅସ୍ପଷ୍ଟ : ବିଜେପି

ଝାରସୁଗୁଡା/ଭୁବନେଶ୍ୱର, ୨୯।୪(ପି.ଏନ):ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡକୁ ୯୦ ଦିନ ଅର୍ଥାତ ୩ ମାସ ପୁରିଲାଣି । ହତ୍ୟାକାଣ୍ଡ ସଂପର୍କରେ ରାଜ୍ୟବାସୀ ଅବଗତ ହୋଇପାରିଲେ ନାହିଁ। ହତ୍ୟାକାଣ୍ଡର କାରଣ ଓ ତଦନ୍ତ ପ୍ରସଙ୍ଗରେ ଭଗବାନଙ୍କ ଉପରେ ପୋଲିସ ଡିଜି ଭରସା କରୁଥିବାବେଳେ ବର୍ତ୍ତମାନ ନବ ବାବୁଙ୍କ ପରିବାର ମଧ୍ୟ ଭଗବାନ ଭରସାରେ ରହିବା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟର ଆଇନ ବ୍ୟବସ୍ଥା ଉପରେ ଓଡିଶାବାସୀଙ୍କ ଆଉ ଭରସା ନାହିଁ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ।ଶନିବାର ଝାରସୁଗୁଡାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଘଟଣାର ୯୦ ଦିନ ପରେ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚକୁ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡିଲା ନାହିଁ । ଗୋପାଳ ଦାସ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଏବଂ ଜେଲରେ ରହିଛି । ଅତୀତରେ ଗୋପାଳକୁ ପାଗଳ ବୋଲି ପ୍ରମାଣ କରିବାରେ ବିଫଳ ହୋଇଥିବା କ୍ରାଇମବ୍ରାଂଚ ବର୍ତ୍ତମାନ ଗୋପାଳର ମାନସିକ ପରୀକ୍ଷା ପାଇଁ କୋର୍ଟଙ୍କ ବିନାଅନୁମତିରେ ବାଙ୍ଗାଲୋର ସ୍ଥିତ ନିମ୍ହାନ୍ସକୁ ଚିଠି ଲେଖିଛନ୍ତି । ଏହା ଦ୍ୱାରା କ୍ରାଇମବ୍ରାଂଚ କିମ୍ବା ରାଜ୍ୟ ସରକାରଙ୍କ ନ୍ୟାୟାଳୟଙ୍କ ପ୍ରତି ଆଦୌ ସମ୍ମାନ ନଥିବାର ସ୍ପଷ୍ଟ ହେଉଛି ।ନବ ବାବୁଙ୍କ ପରିବାର ବିଶେଷ କରି ତାଙ୍କ ଝିଅ କେବଳ ଭଗବାନଙ୍କ ଭରସାରେ ନରହି ତଦନ୍ତ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସାହସର ସହିତ ପଚାରିବା ଉଚିତ୍ । ନଚେତ୍ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ଯାଆନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ନିର୍ବାଚନ ପ୍ରଚାରରେ ଆସି ଝାରସୁଗୁଡାର ଦାୟିତ୍ୱ ନେବେ ବୋଲି ଘୋଷଣା କରିବା ପୂର୍ବରୁ ବିଜୁ ଜନତା ଦଳର ସଭାପତି ଭାବେ ମୁଖ୍ୟମନ୍ତ୍ରୀ କିଛି ପ୍ରଶ୍ନର ଜବାବ୍ ରଖିବା ଉଚିତ୍ । ୯୦ଦିନ ପରେ ବି ନବ ଦାସଙ୍କୁ କିଏ ଆଉ କାହିଁକି ମାରିଲା ତାହା ଜଣାପଡିଲା ନାହିଁ ? ନିଜ କ୍ୟାବିନେଟର ମୁଖ୍ୟ ସହଯୋଗୀ ଥିବା ଜଣେ ମନ୍ତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ସମଗ୍ର ଜିଲ୍ଲା ତଥା ରାଜ୍ୟବାସୀଙ୍କୁ କ'ଣ ଓ କିପରି ସୁରକ୍ଷା ଦେବେ ? ମାନ୍ୟବର କୋର୍ଟଙ୍କ ବିନାନୁମତିରେ କାଇମବ୍ରାଂଚ କିପରି ଓ କାହିଁକି ନିମ୍ହାନ୍ସକୁ ପରୀକ୍ଷା ପାଇଁ ଚିଠି ଲେଖିଲେ । ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ? କୁଆଡେ ଗଲା ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇର ତଦନ୍ତ ? ସିବିଆଇ ତଦନ୍ତ ପାଇଁ କେବେ ସୁପାରିଶ କରିବେ ?ନବ ଦାସଙ୍କ ହତ୍ୟାକାରୀକୁ ପାଗଳ ସଜାଇବା ପାଇଁ ରାଜ୍ୟ ସରକାରଙ୍କ ବ୍ୟଗ୍ରତା କ'ଣ ପାଇଁ, ତାହା ଝାରସୁଗୁଡାବାସୀ ବିଚାର କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଏବଂ ମୁଖପାତ୍ର ତେଜେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ମେ' ୫ ବେଳକୁ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର, ଓଡିଶା ଉପରେ କ'ଣ ରହିବ ଏହାର ପ୍ରଭାବ

ଭୁବନେଶ୍ୱର,୨୯।୪(ପି.ଏନ):ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ମେ' ୫ ତାରିଖ ପାଖାପାଖି ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ (ଓଗଡ) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।ଆଇଏମଡି ଡିଜିଙ୍କ ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ରଟି କେଉଁ ଦିନ ସୃଷ୍ଟି ହେବ, ସେ ନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ହେଲେ ମେ' ୫ ତାରିଖ ପାଖାପାଖି ଏହା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ କ୍ଷେତ୍ରଟି ଲଘୁଚାପରେ ପରିଣତ ହେବା ପରେ ଅବପାତରେ ପରିଣତ ହୋଇପାରେ। ତେବେ ଅବପାତଟି ବାତ୍ୟାରେ ପରିଣତ ହେବ କି ନାହିଁ ସ୍ପଷ୍ଟ ହୋଇ ନାହିଁ।



## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରୀ ଜେଇଇ ଓଡ଼ିଶା ଟପ୍‌ପର

ଭୁବନେଶ୍ୱର,୨୯।୪(ପି.ଏନ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରୀ ପ୍ରିୟଙ୍କା ସର ଜେଇଇ ମେନ୍‌ରେ ଓଡ଼ିଶାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଜେଇଇ ମେନ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଥିବା ବେଳେ ପ୍ରିୟଙ୍କା ଏଥିରେ ୯୯.୯୮୫ ପ୍ରତିଶତ ନମ୍ବର ରଖି ଓଡ଼ିଶା ଟପ୍‌ପର ହେବାର ଗୌରବ ଅର୍ଜନ କରିଛନ୍ତି। ଲଗାତାର ଦୁଇବର୍ଷ ଧରି କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଜେଇଇ ଓଡ଼ିଶା ଟପ୍‌ପର ହୋଇଆସୁଛନ୍ତି। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ଏହି ସଫଳତା ଦ୍ୱାରା ପ୍ରିୟଙ୍କା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସହ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିପାରିଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପ୍ରତିଷ୍ଠାଠାରୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ଆସିଛି। ଫଳରେ ଏହାର ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ନୁହେଁ ଅନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଓ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆରଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଛନ୍ତି। ଅପରପକ୍ଷରେ ପ୍ରିୟଙ୍କା ଓ ତାଙ୍କ ଅଭିଭାବକ ଏହି ସଫଳତା ପାଇଁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଆହୁରି ୧୭ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମଧ୍ୟ ଜେଇଇ ମେନ୍‌ରେ କୃତକାର୍ଯ୍ୟ ହୋଇଛନ୍ତି।



## କ୍ଷୀର ଗାଡ଼ିରୁ ୧୦୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୨୯।୪(ପି.ଏନ): ଅବକାରୀ ବିଭାଗକୁ ବଡ଼ ସଫଳତା । ଦୁଗ୍ଧ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଏହାକୁ ଜବତ କଲା ଅବକାରୀ ପୋଲିସ । ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମଭି- ୬୬ ଗ୍ରାମ ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗର କର୍ମଚାରୀମାନେ ଗୁଇନ୍ଦା ସୂଚନା ପାଇଥିଲେ । ଗାଡ଼ି ଯାଂଚ୍ କରୁଥିବା ସମୟରେ ମହାରାଷ୍ଟ୍ର ନମ୍ବର ଥିବା ଏକ ଦୁଗ୍ଧ ବୋଝେଇ ଗାଡ଼ିକୁ ଅଟକାଇଥିଲେ । ପରେ କାଲିମେଳା ଅବକାରୀ ପୋଲିସ କର୍ମଚାରୀମାନେ ଗାଡ଼ିଟିକୁ ଯାଂଚ୍ କରିବାରୁ ସେଥିରୁ ୧୦୦ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଘଟଣାରେ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିକୁ ଆଜି କୋର୍ଟଚାଲାଣ କରାଯାଇଛି । ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଅନୁମାନ କରିଛି ।

## ଯୋଜନାର ଉଦ୍ଦିଷ୍ଟ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୪(ପି.ଏନ): ମତ୍ସ୍ୟଚାଷୀଙ୍କ କଲ୍ୟାଣ ଓ ମତ୍ସ୍ୟଚାଷର ବିକାଶ ନିମନ୍ତେ ଯୋଜନାର ଉଦ୍ଦିଷ୍ଟ ସମସ୍ତ ବଜେଟବରାଦକୁ ଧାର୍ଯ୍ୟ ସମୟ ମଧ୍ୟରେ ଓ ଠିକଣା ଭାବରେ ଖର୍ଚ୍ଚ କରି ଏହାର ଲାଭ ଚାଷୀମାନଙ୍କୁ ପହଂଚାଇବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଏଥି ସହିତ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ତଥ୍ୟଗୁଡ଼ିକର ବିଶ୍ଳେଷଣ କରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଫଳପ୍ରଦ ତଦାରଖ ଓ ନିରୀକ୍ଷଣ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଶନିବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ୨୦୨୪ ସୁଦ୍ଧା ରାଜ୍ୟକୁ ମାଛ ଜାଆଁଳ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଥି ନିମନ୍ତେ ସଅଳ ମାଛ ଜାଆଁଳ ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ମାଛ ଜାଆଁଳ ଉତ୍ପାଦନକାରୀଙ୍କ ନେଟୱାର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ୨୦୨୩-୨୪ ବର୍ଷ ନିମନ୍ତେ ବିଭିନ୍ନ ଯୋଜନାର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ନିମନ୍ତେ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ମାଛ ଜାଆଁଳ ଉତ୍ପାଦନ, ମାଛ ଜାଆଁଳ ଉତ୍ପାଦନକାରୀଙ୍କୁ ଇନ୍‌ପୁଟ ସହାୟତା, ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛଚାଷ ନିମନ୍ତେ ଇନ୍‌ପୁଟ ସହାୟତା ରାଶି ପ୍ରଦାନ ସମେତ କ୍ଷାରିଜଳ ଓ ସାମୁଦ୍ରିକ ମାଛଚାଷ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା ।ଏହି ଅବସରରେ ୨୦୨୨-୨୩ ଆର୍ଥିକ ବର୍ଷରେ ମତ୍ସ୍ୟଚାଷରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପାଞ୍ଚଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ସମସ୍ତ ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ମାରାଇନ)ମାନେ ଯୋଗଦେଇଥିଲେ ।

## ବହୁ ଚର୍ଚ୍ଚିତ ଆଦାନୀ-ହିଡେନବର୍ଗ ମାମଲା: ତଦନ୍ତ ଶେଷ କରିବାକୁ ଆଉ ୬ ମାସ ମାଗିଲା ସେବି

ଭୁବନେଶ୍ୱର,୨୯।୪(ପି.ଏନ): ବହୁ ଚର୍ଚ୍ଚିତ ଆଦାନୀ-ହିଡେନବର୍ଗ ମାମଲା ତଦନ୍ତ ଶେଷ କରିବାକୁ ଆଉ ଅଧିକ ସମୟ ମାଗିଲା ସେବି(ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ)। ସୁପ୍ରିମକୋର୍ଟରେ ବୁଧବାର ସେବି ପକ୍ଷରୁ ଏହି ଆବେଦନ ହୋଇଛି। ଏହି ତଦନ୍ତ ଶେଷ କରିବାକୁ ସେବି ୬ ମାସ ମାଗିଛି।ସେବି କୋର୍ଟଙ୍କୁ ଆହୁରି ଜଣାଇଛି ଯେ, ଏହି ମାମଲାରେ ପ୍ରାଥମିକ ଅନୁସନ୍ଧାନରୁ ମିଳିଥିବା ତଥ୍ୟ ଓ ଷ୍ଟାଟସ ରିପୋର୍ଟକୁ ବିଶେଷଜ୍ଞ କମିଟିକୁ ଦେଇଛି।

## ସୁପ୍ରିମକୋର୍ଟଙ୍କ ଛାଟ କାମ ଦେଲା, ଶେଷରେ ନିଯୁକ୍ତି ଦେଲେ ସ୍ଥାୟୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର,୨୯।୪(ପି.ଏନ): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ପ୍ରାୟ ସାଢ଼େ ୩ବର୍ଷ ପରେ ରାଜ୍ୟ ସରକାର ଆଜି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାୟୀ ମୁଖ୍ୟ ପ୍ରଶାସକ ନିଯୁକ୍ତି କରିଛନ୍ତି । ଗତମାସରେ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ୨୦୧୯ ନଭେମ୍ବର ୪ତାରିଖରେ ଦେଇଥିବା ରାୟର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଯୁକ୍ତି ପାଇଁ ରାଜ୍ୟ ସରକାର ମାଗିଥିବା ମହଲତକୁ ବି ସୁପ୍ରିମକୋର୍ଟ ଏଡାଇ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଛାଟ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି ଓ ପୁରୀ ଶ୍ରୀମନ୍ଦିରର ସ୍ଥାୟୀ ମୁଖ୍ୟ ପ୍ରଶାସକ ଭାବେ ଜଣେ ଅଫିସରଙ୍କୁ ଆଜି ନିଯୁକ୍ତି ଦେଇଛନ୍ତି । ରାଜ୍ୟ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ନିର୍ଦ୍ଦେଶକ ୨୦୦୭ ବ୍ୟାଚ୍ ଆଇଏଏସ ରଞ୍ଜନ କୁମାର ଦାସଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ବଦଳି ହୋଇଛି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ରଞ୍ଜନ କୁମାର ଦାସ ଦାୟିତ୍ୱ ଗ୍ରହଣ କରିବା ଦିନ ହିଁ ପୂର୍ବ ସଚିବ ବୀରବିକ୍ରମ ଯାଦବଙ୍କ ଅତିରିକ୍ତ ଦାୟିତ୍ୱ (ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ) ରଦ୍ଦ ହୋଇଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଶ୍ରୀ ଦାସ ଆଇଏଏସ୍ କ୍ୟାଡରରେ ସ୍ୱତନ୍ତ୍ର ସଚିବ ପାହ୍ୟାର ସୁବିଧାସୁଯୋଗ ହାସଲ କରିବେ ।ସେହିପରି ମୁଖ୍ୟ ସଚିବଙ୍କ ଓଏସଡି ଭାବେ କାର୍ଯ୍ୟ କରୁଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଦିଲ୍ଲୀପ ରାଉତରାଏଙ୍କୁ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସେ ଏହି ପଦବୀରେ ଆଇଏଏସ୍ କ୍ୟାଡରରେ ଯୁଗ୍ମ ସଚିବ ପାହ୍ୟାର ସୁବିଧାସୁଯୋଗ ପାଇବେ । ସେ ମଧ୍ୟ ନୂତନ ଭାବେ ଗଠନ ହୋଇଥିବା ଓଡିଶା ପରିବାର ନିର୍ଦ୍ଦେଶକ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ ।



## ଧୂଳି ଧୂଆଁ ଖାଉଛନ୍ତି ଖଣି ଅଂଚଳବାସୀ, ନିଯୁକ୍ତି ପାଉଛନ୍ତି ବାହାର ରାଜ୍ୟର ଯୁବକ : ଖଣି କ୍ଷତିଗ୍ରସ୍ତ ଓ ପ୍ରଭାବିତଙ୍କ ମଧ୍ୟରେ କ୍ଷୋଭ

ବଲାଣି, ୨୯।୪(ପି.ଏନ): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍)ର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଖଣି ସମୂହର ସବୁଠାରୁ ବଡ ଖଣି ଭାବରେ ପରିଚିତ ବଲାଣି ଲୌହ ଖଣିରେ ବାହାର ରାଜ୍ୟର ଯୁବକଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଅଶାନ୍ତି ବୃଦ୍ଧି ପାଇବାକୁ ଲାଗିଛି । ସେଲ୍ ପ୍ରଶାସନ ସ୍ଥାୟୀ ନିଯୁକ୍ତିରେ ସ୍ଥାନୀୟ ଅଂଚଳବାସୀଙ୍କୁ କୌଣସି ଅଗ୍ରାଧିକାର ଦେଉ ନଥିବାରୁ ଏହି ଅଶାନ୍ତି ଦେଖା ଦେଇଛି ।ପ୍ରକାଶ ଥାଉକି, ୧୯୯୭ ମସିହାରେ ସ୍ଥାନୀୟ ପ୍ରଭାବିତ ଅଂଚଳର ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବା ପରେ ଗୋଟିଏ ପିଢିଙ୍କୁ ଏହି ସୁଯୋଗରୁ ବଂଚିତ କରାଯାଇଥିଲା । ପରେ ୨୦୧୦ ମସିହାରେ ବଲାଣି ଖଣିର ଲିଜ୍ ଅବଧି ସମାପ୍ତି ପରେ ଏକ ଜନଶୁଣାଣୀ ଆୟୋଜନ ହୋଇଥିଲା । ସେଥିରେ ସ୍ଥାନୀୟ ଅଧିବାସୀ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ । ସେଥିପାଇଁ ସେଲ୍ କର୍ତ୍ତୃପକ୍ଷ ବାଧ୍ୟବାଧକତାରେ ୯୦ ଜଣଙ୍କ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରି ଦୀର୍ଘ ୯ ବର୍ଷ ପରେ ସ୍ଥାନୀୟ ବେକାର ଯୁବକଙ୍କୁ ସ୍ଥାୟୀ ନିଯୁକ୍ତିରେ ଅଗ୍ରାଧିକାର ଦିଆଯାଇ ନିଯୁକ୍ତି ପ୍ରଦାନ କରାଯାଇଥିଲା । ତେବେ ବର୍ତ୍ତମାନ ସେଲ୍ କର୍ତ୍ତୃପକ୍ଷ ବିଭିନ୍ନ ପର୍ଯ୍ୟାୟରେ ସର୍ବନିମ୍ନ ସ୍ତରର (ଏସ୍-୧) ପଦରେ ସ୍ଥାୟୀ ନିଯୁକ୍ତିରେ ସର୍ବଭାରତୀୟ ସ୍ତରରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରି ବାହାର ରାଜ୍ୟରୁ ଅନେକ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରୁଥିବାରୁ ବଲାଣି ଖଣି ଯୋଗୁଁ କ୍ଷତିଗ୍ରସ୍ତ ପରିବାର ଓ ଖଣି ପ୍ରଭାବିତଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି । ସର୍ବନିମ୍ନ ସ୍ତର ଏସ୍ -୧ ପଦରେ ସର୍ବଭାରତୀୟ ସ୍ତରରେ ନିଯୁକ୍ତି ପ୍ରକ୍ରିୟା ଆୟୋଜନ ହେଉଥିବା ଯୋଗୁଁ ଖଣି ପ୍ରଭାବିତ ଅଂଚଳରେ ସଫଳତା ହାସଲ କରିବାରେ ଦରକାର ପଡୁଥିବା ଭିତିଭୂମିର ଅଭାବ ଯୋଗୁଁ ସ୍ଥାନୀୟ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଅଂଚଳର ବେକାର ଯୁବକ ଯୁବତୀ ଏହି ନିଯୁକ୍ତି ପ୍ରକ୍ରିୟାରେ ସଫଳ ହୋଇପାରୁନାହାନ୍ତି । ଫଳରେ ସ୍ଥାନୀୟ ବେକାର ଯୁବକ ଯୁବତୀ ସ୍ଥାୟୀ ନିଯୁକ୍ତିରୁ ସିଧାସଳଖ ବଂଚିତ ହେଉଛନ୍ତି । ଖଣି ଅଂଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏଠାକାର ସ୍ଥାନୀୟ ଯୁବକ ସର୍ବଭାରତୀୟ ସ୍ତରରେ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ କିପରି ସଫଳ ହୋଇପାରିବେ ସେନେଇ ସ୍ଥାନୀୟ ଅଂଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏଠିକାର କ୍ଷତିଗ୍ରସ୍ତ ଓ ଖଣି ପ୍ରଭାବିତ ଅଂଚଳର କିଛି ବେକାର ଯୁବକ ଯୁବତୀ କେବଳ ଠିକା ଶ୍ରମିକ ଭାବରେ ନିଯୁକ୍ତି ସୁଯୋଗ ପାଉଥିବା ବେଳେ ସ୍ଥାୟୀ ନିଯୁକ୍ତି ପାଇବା ସେମାନଙ୍କ ପାଇଁ ସାତ ସପନ ପାଲଟିଛି । ଖଣି ଅଂଚଳର ଦୁର୍ଭାଗ୍ୟର ବିଷୟ ଯେ, ଏଠାକାର ସ୍ଥାନୀୟ ଜନ ପ୍ରତିନିଧି ଓ ନେତୃସ୍ଥାନୀୟ ବ୍ୟକ୍ତି ନିଜର ସ୍ୱାର୍ଥ ଓ ବ୍ୟବସାୟକୁ ଗୁରୁତ୍ୱ ଦେଇ ସ୍ଥାନୀୟ ସ୍ଥାୟୀ ନିଯୁକ୍ତି ଭଳି ଏକ ଗମ୍ଭୀର ସମସ୍ୟା ଉପରେ ଗୁରୁତ୍ୱ ଦେଉନଥିବାରୁ ସ୍ଥାନୀୟ ଅଧିବାସୀ ଓ ବେକାର ଯୁବକ ଯୁବତୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହା ଜନ ଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।

## ନକ୍ସଲ କ୍ୟାମ୍ପରେ ଚାଲୁଛି ସେକ୍ସ କାରବାର ! ମୁହଁ ଖୋଲିଲେ ସଙ୍ଗଠନ ଛାଡିଥିବା ମହିଳା



ଭୁବନେଶ୍ୱର,୨୯।୪(ପି.ଏନ): ନକ୍ସଲମାନେ କ୍ୟାମ୍ପରେ ଚାଲୁଛି ସେକ୍ସ କାରବାର ! ସଙ୍ଗଠନରେ ସାମିଲ୍ ? କରାଇ ଝିଅଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଛନ୍ତି କ୍ୟାଡର ନକ୍ସଲ। ପିଲା ନହେବା ପାଇଁ ମହିଳା ଓ ପୁରୁଷ ନକ୍ସଲଙ୍କ ବନ୍ଧ୍ୟାକରଣ କରାଯାଉଛି। ସେଥିପାଇଁ କ୍ୟାମ୍ପକୁ ଡାକ୍ତର ଆସୁଛନ୍ତି ଓ ଅପରେସନ୍ କରୁଛନ୍ତି। ନକ୍ସଲ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା କେତେକ ମହିଳା ଆଜି ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଜଣେ ମହିଳା କହିଛନ୍ତି, ଘରେ ଅବସ୍ଥା ଭଲ ନଥିଲା। ଖାଇବାକୁ ନଥିଲା। ତେଣୁ ୧୫ ବର୍ଷ ବୟସର ନକ୍ସଲ ସଙ୍ଗଠନରେ ସାମିଲ ହୋଇଥିଲି। ସଙ୍ଗଠନରେ ସାମିଲ୍ ? ହେବା ପରେ ଜାଣିବାକୁ ପାଇଲି ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯାଉଛି। ତେଣୁ ଭୟରେ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛି ବୋଲି କହିଛନ୍ତି ମହିଳା।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ୱର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍‌ରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍‌ର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ପର୍ଯ୍ୟବେକ୍ଷକ ମହାନଗର

# ଶେଷ ଅଭିଳାଷ

**ଶିବପ୍ରସାଦ ଧଳ**





ରାକେଶର ଫ୍ଲାଇଟ୍ ସମୟ ହୋଇ ଯାଉଥିଲା, ଅଥଚ ସେ ପ୍ରସ୍ତୁତ ହୋଇପାରୁ ନଥିଲା। କେତେବେଳେ ଖୋଜୁଥିବା ଜିନିଷଟା ତାକୁ ମିଳୁ ନଥିଲା ତ କେତେବେଳେ କେଉଁ ଜିନିଷଟା ନେବା ଦରକାର, କେଉଁଟା ନୁହେଁ ତାହା ତା' ମୁଣ୍ଡକୁ ଢୁକୁ ନଥିଲା। ଅସଲ କଥା ହେଲା ଶେଫାଳି ତା' ଜୀବନରେ ଆସିଲା ପରେ ଏସବୁ କାମ ସେ ହିଁ କରି ଦେଉଥିଲା। ଅଥଚ ଆଜି ଶେଫାଳି ଘରେ ଥାଇବି ଗଲା ରାତିର କଥାକୁ ଧରି ଏସବୁ କରିବାକୁ ଆଗେଇ ଆସୁନି ଦୀର୍ଘ ଅଠର ବର୍ଷର ଦାମ୍ପତ୍ୟ ଜୀବନରେ କାଁ ଭାଁ ଛୋଟ ମୋଟ ମୁହଁ ଫୁଲାଫୁଲିକୁ ଛାଡ଼ିଦେଲେ, ସେମିତି ମତାନ୍ତର ବା ମନାନ୍ତର କେବେ ହୋଇନି ଦୁଇଜଣଙ୍କ ମଧ୍ୟରେ। ମୋଟା ମୋଟି ସଫଳ ଦାମ୍ପତ୍ୟ ଜୀବନ ସେମାନଙ୍କର। ଅନ୍ୟମାନେ ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରନ୍ତି ଏଥିପାଇଁ। ତେବେ ପ୍ରକୃତ କଥା ହେଲା ରାକେଶର ଖାମଖିଆଲି ଜୀବନକୁ



ଠିକଣା ବାଟରେ ଆଗେଇ ନେଇଛି ଶେଫାଳିର ନିଃସ୍ୱାର୍ଥପର ଭଲପାଇବା। ଉଭୟଙ୍କ ଭଲପାଇବାର ନିଦର୍ଶନ ସ୍ୱରୂପ ତାଙ୍କ କୋଳକୁ ଆସିଛି ଏକମାତ୍ର ପୁଅ ଆଶୁତୋଷ। ସେ ବି କିଛି କମ୍ ନୁହେଁ। ବାପା-ମାଆଙ୍କର ଉପଯୁକ୍ତ ଦାୟାଦ। ଏକ ନିଛକ ସୁଖୀ ପରିବାରର ଚିତ୍ର ଆଙ୍କି ହୋଇଯାଏ ସେମାନଙ୍କୁ ଦେଖିଲେ।

ତେବେ ସବୁ ଠିକ୍ ଚାଲିଥିଲା ବେଳେ ରାକେଶ ଏଇ କିଛିଦିନ ହେଲା କିଛିଟା ବ୍ୟତିକ୍ରମ ଲକ୍ଷ୍ୟ କରୁଛି ଶେଫାଳିଠାରେ। ତାର ବନ୍ୟହରିଣୀ ପରି ଚଳଚଂଚଳ ଜୀବନଶୈଳୀ ଧିମା ପଡ଼ିଯାଇଛି। କେଉଁ ଅଜଣା ଆଶଙ୍କାରେ ଯେମିତି ତା'ର ସଦା ହସ ହସ ମୁଖମଣ୍ଡଳ ମଳିନ ଦିଶୁଛି ଶ୍ରାବଣର ମେଘଢ଼ଙ୍କା ଆକାଶ ପରି। ଏକ ଜଳନ୍ତା ମହମବତୀ ପରି ସେ ତରଳି ତରଳି ସରିଯାଉଛି ଭିତରେ ଭିତରେ, ଅଥଚ ଜାଣିବାକୁ ଦେଉନି କାହାକୁ। ରାକେଶ ଶତଚେଷ୍ଟା କରି ମଧ ଜାଣିପାରୁନି ତା'ର କାରଣ। ତେବେ ଗଲା କାଲିର ଘଟଣା ରାକେଶର ସବୁ ହିସାବକୁ ଓଲଟ ପାଲଟ କରିଦେଲା ଯେମିତି। ସଦ୍ୟ ଭଲ ରେଜଲ୍ଟ କରି ମେଟ୍ରିକ୍ ପାଶ୍ କରିଥିବା ଆଶୁତୋଷକୁ ଓଡ଼ିଶାର ଏକ ଭଲ କଲେଜରେ ପଢ଼ାଇବାର ନିଷ୍ପତ୍ତି ଆପାତତଃ ନିଆସରିଥିଲା। କିନ୍ତୁ ହଠାତ୍ କ'ଣ ହେଲା କେଜାଣି ରାକେଶକୁ ନଜଣାଇ, ଶେଫାଳି ପୁଅର ଆଡ଼ମିଶନ ପାଇଁ ସବୁ ବ୍ୟବସ୍ଥା କରିଦେଲା ଭୁବନେଶ୍ୱରର ଏକ ସୁନାମଧନ୍ୟ ଇଣ୍ଟରନ୍ୟାସନାଲ୍ ସ୍କୁଲରେ। ସେଠାରେ ସେ ହଷ୍ଟେଲରେ ରହି ପାଠ ପଢ଼ିବ। ଏଠାରେ ଘରେ ରହି ପଢ଼ିଲେ ତା'ର ଭବିଷ୍ୟତ କୁଆଡ଼େ ଅନ୍ଧାର ହୋଇଯିବ ବୋଲି ଶେଫାଳିର ଧାରଣା। ତେବେ ରାକେଶର ଯୁକ୍ତି କିନ୍ତୁ ଅଲଗା। ଆମ ସହରରେ ମଧ ବହୁତ ଭଲ କଲେଜ ଅଛି ଆଉ ଏଠାରେ ପାଠ ପଢ଼ି ମଧ ଜଣେ ଖୁବ୍ ଉନ୍ନତି କରିପାରିବ ଭବିଷ୍ୟତରେ। କିନ୍ତୁ ରାକେଶର ମତାମତକୁ କୌଣସି ଗୁରୁତ୍ୱ ନଦେଇ ଶେଫାଳି ପୁଅ ପାଇଁ ଠିକ୍ କରିଥିଲା ରାଜଧାନୀର ସେଇ କଲେଜ। ଆଡ଼ମିଶନ ତାରିଖ ମାତ୍ର ଆଉ ପାଂଚଦିନ ପରେ ହେବାର ଥିଲା। ରାକେଶର କିନ୍ତୁ ଆସନ୍ତାକାଲିଠାରୁ ବାହାରକୁ ଯିବାର ଥିଲା ଅଫିସ୍ କାମରେ ପୁରା ସାତଦିନ ପାଇଁ। ଶେଫାଳିର ଜିଦ୍ ଯେମିତି ହେଲେ ପୁଅର ଆଡ଼ମିଶନ ହେବ ସେଇ ନିର୍ଦ୍ଦିଷ୍ଟ ତାରିଖରେ। ରାକେଶର ଅଫିସ୍‌ରୁ ଚାପ ଥିଲା ସେ ଯେମିତି ହେଲେ ସାତଦିନ ପାଇଁ ଯିବ ଗସ୍ତରେ, କାରଣ ତା'ର ସେହି ଗସ୍ତ ଉପରେ ନିର୍ଭର କରୁଥିଲା ତା' ଅଫିସ୍‌ର ଭାଗ୍ୟ। ଶେଫାଳି ଚାହୁଁଥିଲା ପୁଅର ଆଡ଼ମିଶନ ପାଇଁ ରାକେଶର ସହମତି ଯଦିଓ ସେ ଅବସ୍ଥାରେ ଏହାର କୌଣସି ଆବଶ୍ୟକତା ନଥିଲା କାରଣ ତା'ର ବିନା ସହମତିରେ ସବୁ ନିଷ୍ପତ୍ତି ନିଆସରିଥିଲା।

ରାକେଶ ନିଜକୁ ଅବହେଳିତ ମନେକଲା ଶେଫାଳିର ଏପରି ଏକତରଫା ନିଷ୍ପତ୍ତି ପାଇଁ। କିନ୍ତୁ ପୁଅର ଭଲପାଇଁ ନେଇଥିବା ନିଷ୍ପତ୍ତିକୁ ରାକେଶ ସହମତି ନ ଦେବାଟାକୁ, ସେମାନଙ୍କ ପ୍ରତି ଅସହଯୋଗ ବୋଲି ଚିତ୍ରଣ କରିଥିଲା ଶେଫାଳି। ତାର ନିଷ୍ପତ୍ତିକୁ ରାକେଶ ଓଜନ ଦେଉନାହିଁ ବୋଲି ଶେଫାଳି ଯୁକ୍ତି କରିଥିଲା। କଥା କଟାକଟି ବହୁତ ଉପରକୁ ଉଠିଗଲା। ଶେଷରେ 'ତୁମ ଇଚ୍ଛା ଯାହା ହେଉଛି ତାହା କର, ମୋତେ ପଚାରିବାର କୌଣସି ଆବଶ୍ୟକତା ନାହିଁ' ବୋଲି କହି ରାକେଶ ଶୋଇ ପଡ଼ିଲା।

ସକାଳକୁ ମଧ ଗଲା କାଲିର ନିଆଁର ତାତି କମି ନଥିଲା। ସେଇ କଥା କଟାକଟି, ପରସ୍ପରକୁ ପରସ୍ପରରେ ଦୋଷାରୋପ। ନିଜ ନିଜର ଆତ୍ମସମ୍ମାନର ପ୍ରଶ୍ନ ନିହିତ ଥିବାରୁ କେହି ଓହରୁ ନଥିଲେ କେହି କାହା ଜିଦ୍‌ରୁ। ଶେଷରେ ଫ୍ଲାଇଟ୍ ସମୟ ହୋଇଯିବାରୁ ରାକେଶ ପଳାଇଥିଲା କିଛି ନଖାଇ ନପିଇ।

ଅଫିସ୍ କାମରେ ବ୍ୟସ୍ତ ଥାଇ ରାକେଶ ଚିନ୍ତା କରୁଥିଲା ଶେଫାଳି କଥା। କେଉଁ ପରିସ୍ଥିତିରେ ଶେଫାଳିର ଏ ପରିବର୍ତ୍ତନ? ଯେଉଁ ଶେଫାଳି ତା'ର ବିନା ଅନୁମତିରେ ଛୁଞ୍ଚିଟିଏ ମଧ କିଣୁ ନଥିଲା ସେ କେମିତି ଏକତରଫା ନିଷ୍ପତ୍ତି ନେଲା ପୁଅକୁ ପଠାଇବାକୁ ଏତେ ଦୂରକୁ? ପୁଅର ଭବିଷ୍ୟତ ଚିନ୍ତା ନା ଅନ୍ୟ କିଛି? ସବୁ ଭିତରେ ବି ସେ ଆଶା କରୁଥିଲା ଶେଫାଳିଠାରୁ ଫୋନ କଲ୍‌ଟିଏ। ଅଥଚ ଶେଫାଳି ଫୋନ କରୁନଥିଲା। ରାକେଶ ନିଜଆଡ଼ୁ ଫୋନ୍ କଲେ ସେପଟୁ ସୁଇଚ୍ ଅଫ୍ ବୋଲି ଉତ୍ତର ଆସୁଥିଲା।

ସବୁ ଚିନ୍ତା ଦୁଃଶ୍ଚିନ୍ତା ମଧ୍ୟରେ ଅଫିସ୍ କାମ ଯଥାସମ୍ଭବ ସାରି ରାକେଶ ଫେରି ଆସିଥିଲା ଘରକୁ। ତା' ଘର! ତା' ସ୍ୱପ୍ନର ଘର! ଅଥଚ ଘରେ ପହଂଚି ଦେଖିଲା ଗୋଟେ ଅଦିନିଆ ଝଡ଼ ଯେମିତି ଛାରଖାର କରିଦେଇଛି ତା' ସ୍ୱପ୍ନର ଘରକୁ। ପୁଅକୁ ନେଇ ଶେଫାଳି ଛାଡ଼ି ଆସିଛି ହଷ୍ଟେଲରେ। ସବୁଥର ପରି ରାକେଶ ଆଶା କରୁଥିଲା ପୁଅ ଦୌଡ଼ିଆସି ତାକୁ ସ୍ୱାଗତ କରିବ। ଗେଲରେ ଓହଳି ପଡ଼ିବ କାନ୍ଧରେ। ଜବରଦସ୍ତ ବ୍ୟାଗ ଖୋଲି ପକାଇବ ଦେଖିବାକୁ ତା' ପାଇଁ କ'ଣ କ'ଣ ଆସିଛି ବୋଲି? ସେପଟେ ଶେଫାଳି କୃତ୍ରିମ ରାଗ ଦେଖାଉଥିବ ପୁଅ ଉପରେ। "ରହ ବାପା ବାହାରୁ ଆସିଛନ୍ତି। ଟିକେ ଗୋଡ଼, ହାତ ଧୋଇ ରିଲାକ୍ସ ହେବାକୁ ଦେଏ!" ଅଥଚ ସେମିତି କିଛି ହୋଇ ନ ଥିଲା। ଘରଟା ଖାଁ ଖାଁ ଲାଗୁଥିଲା। ରାକେଶର ମନ ହତାଶରେ ଭରି ଉଠିଲା। ତାର କ୍ରୋଧ ଚରମ ସୀମାରେ ପହଂଚିଗଲା। ସେ ଯୁଦ୍ଧ ଆହ୍ୱାନ ଦେଲା ଶେଫାଳିକୁ। ସେ ଜାଣିବାକୁ ଚାହୁଁଥିଲା କ'ଣ ପାଇଁ ଶେଫାଳି କରୁଛି ଏପରି? ଶେଫାଳି ମଧ ଦବିବା ମୁଡ୍‌ରେ ନଥିଲା। ଚାଲିଲା ବାଦ ବିବାଦ। କ୍ରୋଧରେ ହିତାହିତ ଜ୍ଞାନ ରହିଲା ନାହିଁ ରାକେଶର। ହାତ ଉଠାଇ ଦେଲା ଶେଫାଳି ଉପରେ।

କ୍ରୋଧ ଆଉ ଅପମାନରେ ଦୁର୍ଗାରୁ କାଳୀ ରୂପ ଯେମିତି ଧାରଣ କଲା ଶେଫାଳି। ସେ ଯେମିତି ଶପଥ ନେଇଥିଲା ଧ୍ୱଂସ କରିଦେବାକୁ ସାରା ସୃଷ୍ଟିକୁ। ଆଉ ମୁହୂର୍ତ୍ତିଏ ମଧ ରହି ହେବନି ଏଠାରେ ବୋଲି କହି କ୍ଷିପ୍ର ଗତିରେ ବାହାରିଗଲା ଘରୁ। ଗଲାବେଳେ କହିଗଲା- "ଯାଉଛି। ବାଏ। ତମକୁ ପ୍ରେମ କରିବା ଆଉ ତମ ସାଙ୍ଗରେ ଜୀବନ କଟାଇବାକୁ ସ୍ଥିର କରିବା ମୋ ଜୀବନର ସବୁଠାରୁ ବଡ଼ ଭୁଲ୍। ଏଇ ସତ୍ୟକୁ ସାଥିରେ ଧରି ମୁଁ ଚାଲିଯାଉଛି ମୋ' ବାଟରେ। ଖୋଜିବାକୁ ଚେଷ୍ଟା କରିବନି।"

ଭୁଲ୍ ଥିଲା! ରାକେଶ ଚମକି ପଡ଼ିଲା ପ୍ରେମ ଆଉ ବାହାଘରର ୧୫ ବର୍ଷ ପରେ ଶେଫାଳି କହୁଛି ସେସବୁ ଭୁଲ ଥିଲା!! ଏଇ କିଛି ସମୟ ହେଲା ଗର୍ଜୁଥିବା ରାକେଶର ପାଟିରେ କିଏ ତାଲାଟିଏ ପକାଇଦେଲା ଯେମିତି। ଜୀବନ ଉପରେ ତା'ର ବିଶ୍ୱାସ ତୁଟିଗଲା। ଗୋଟେ ସତ୍ୟ ଉପରେ ଭରସା କରି ବଂଚିଥିଲା ସେ, ତାହା ଥିଲା ଶେଫାଳିର ପ୍ରେମ। ଅଥଚ ସେ ସତ୍ୟର ମୂଳଦୁଆ ଆଜି ଦୋହଲିଗଲା।

ତା'ପର ଘଟଣା ଘଟିଗଲା ସାଧାରଣ ଭାବରେ। ଶେଫାଳି ନିଖୋଜ ହୋଇଗଲା ଯେ ରାକେଶ ଚେଷ୍ଟା କରି ମଧ ଠିକଣା ପାଇପାରିଲା ନାହିଁ ତା'ର। ଶେଫାଳିର ଅନୁପସ୍ଥିତିରେ ରାକେଶର ଜୀବନ ଦୁର୍ବିସହ ହୋଇଗଲା। ଦିନ ରାତି ତା'ପାଇଁ ସମାନ ହୋଇଗଲା। ଯନ୍ତ୍ରଚାଳିତ ପରି ସେ କାମ କରିଚାଲିଲା। ସତେ ଯେମିତି ସେ ଗୋଟେ ଜିଅନ୍ତା ମୁର୍ଦ୍ଦାର। ସେ ଜାଣିପାରୁନି ଯେ ତା'ର ଭୁଲ ରହିଲା କେଉଁଠି?

******

ଏ ଘଟଣାର ଠିକ୍ ଛଅମାସ ପରେ ଦିନେ ଏକ ଅଜଣା ଫୋନକଲ୍‌ରେ ଜଣେ ମହିଳାର କଣ୍ଠସ୍ୱର ଶୁଣି ଆଶ୍ଚର୍ଯ୍ୟ ହେଲା ରାକେଶ। କାରଣ ଶେଫାଳି ଗଲାପରେ କୌଣସି ନାରୀ ତାକୁ ଫୋନ୍ କରି ନଥିଲେ ସେ ପର୍ଯ୍ୟନ୍ତ। ନାରୀଜଣକ କହୁଥିଲେ ସେ ଶେଫାଳିର ବାନ୍ଧବୀ ରୀନା ଆଉ ଶେଫାଳି ତାଙ୍କ ପାଖରେ ହିଁ ଅଛି। ମହିଳା ଜଣକ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନର ଠିକଣା ଦେଇଥିଲେ ଆଉ ଦୁଇ ତିନି ଦିନ ମଧ୍ୟରେ ଯେମିତି ହେଲେ ପହଂଚିବାକୁ ଅନୁରୋଧ କରିଥିଲେ। ଆସିବା ସମୟରେ ପୁଅର ସ୍କୁଲକୁ ଯାଇ ତାକୁ ସାଙ୍ଗରେ ମଧ ଆଣିବା ପାଇଁ ଅନୁରୋଧ କରିଥିଲେ।

ରାକେଶ ସାଙ୍ଗେ ସାଙ୍ଗେ ବାହାରିଥିଲା ଭୁବନେଶ୍ୱର ଅଭିମୁଖେ ଆଉ ପୁଅକୁ ଧରି ପହଂଚି ଯାଇଥିଲା ସେହି ମହିଳାଙ୍କ ଘରେ। ସେଠାରେ ପହଂଚି ଯାହା ଦେଖିଲା, ସେଥିରେ ରାକେଶର ହୋସ୍ ଉଡ଼ିଗଲା। ଶେଫାଳି ସେଠି ଥିଲା, ମାତ୍ର ଶେଷ ଅବସ୍ଥା ତା'ର। ରୋଗ ତାକୁ ପହଂଚାଇ ଦେଇଥିଲା ସେହି ଅବସ୍ଥାରେ। ପୁଅକୁ ଆଉ ସ୍ୱାମୀକୁ ଦେଖି ଆଖି ଖୋଲିଲା ଶେଫାଳି। ଦୁଇଜଣଙ୍କର ଦୁଇ ହାତକୁ ଧରିଲା ଦୁଇ ହାତରେ। ଆଖିରୁ ତା'ର ଝରି ଆସିଲା ଲୁହ ଦୁଇଧାର। ସେ ଯେମିତି କ୍ଷମା ମାଗୁଥିଲା ଦୁଇଜଣଙ୍କୁ, ଏମିତି ଅଧା ବାଟରେ ଛାଡ଼ିଦେଇ ଯାଉଥିବାରୁ। ତା' ଆଖି କହୁଥିଲା, "ମତେ କ୍ଷମା କରିବ ରାକେଶ, ତୁମକୁ ମିଛ କହିଥିବାରୁ। ତୁମ ଆଗରେ ମିଛ ଅଭିନୟ କରିବାକୁ ବାଧ ହେଲି। ତୁମେ ଦୁଇଜଣ ଏତେ ମୋହଗ୍ରସ୍ତ ହୋଇଯାଇଥିଲ ଯେ, ମୁହୂର୍ତ୍ତିଏ ମଧ ଚଳିପାରୁ ନଥିଲ ମୋ ବିନା । ମୋତେ ଲାଗିଲା ମୁଁ ଚାଲିଗଲା ପରେ ଭୀଷଣ ଭାବରେ ଭାଙ୍ଗିପଡ଼ିବ ତମେ ଦୁଇଜଣ, ଏତେ ବଡ଼ ଧକ୍କା ସମ୍ଭାଳି ପାରିବ ନାହିଁ । ଏଣୁ ଜାଣିଜାଣି ତୁମ ଦୁଇଜଣଙ୍କ ପାଖରୁ ମୁଁ ଦୂରେଇ ଗଲି । କମ୍‌ସେ କମ୍ ମୋ' ବିନା ଚଳିବାଟା ତୁମର ଅଭ୍ୟାସ ହୋଇଯିବ ତ। ମୋର ଯିବାଟା ଯେତେବେଳେ ନିଶ୍ଚିତ ହୋଇଯାଇଥିଲା ଆଉ କ'ଣ କରିପାରିଥା'ନ୍ତି ? ତୁମ ଦୁଇଜଣଙ୍କୁ ମୋହମୁକ୍ତ କରିବା ପାଇଁ କୌଶଳରେ ଦୂରେଇ ଦେଲି ମୋ' ପାଖରୁ।" ଶେଫାଳି ଆଖିରୁ ଲୁହ ପୋଛି ଦେଇଥିଲୁ ଦୁଇଜଣଯାକ। ହଠାତ୍ ଚେନାଏ ହସ ଫୁଟିଉଠିଲା ଶେଫାଳି ଓଠରେ। ବାସ୍! ତା'ପରେ ଆଖି ବୁଜିଦେଲା ସବୁଦିନ ପାଇଁ ଶେଫାଳି। ସେଇ ମୁହୂର୍ତ୍ତକୁ ଯେମିତି ଅପେକ୍ଷା କରି ରହିଥିଲା ସେ। ଶେଫାଳିର ନିଶ୍ଚଳ ଦେହ ଉପରେ ଲୋଟି ପଡ଼ିଥିଲୁ ବାପ, ପୁଅ, ଆତ୍ମଜ୍ଞାନ ହରାଇ। ଦୂରରୁ ଶୁଭୁଥିଲା ଏକ କପୋତର ବିଳାପ। ଆଖିରୁ ଲୁହ ପୋଛୁଥିଲେ ଶେଫାଳିର ବାଲ୍ୟ ବାନ୍ଧବୀ...।

*-ଅଲରା, ନରସିଂହପୁର, କଟକ,*
*ଭ୍ରାମ୍ୟଭାଷ: ୯୯୩୭୭୮୨୦୭୯*

# ଫସଲ କ୍ଷୟକ୍ଷତିର ପୁନଃ ଆକଳନ ଓ କୃଷି ସହାୟତା ରାଶିର ଦୁଇଗୁଣା ବୃଦ୍ଧି ଦାବୀ ନେଇ ରାଜ୍ୟପାଳଙ୍କୁ ଭେଟିଲେ ପିସିସି କିଷାନ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର (ପିଏନ୍)-ଲଗାଣ ବର୍ଷା ଓ ବନ୍ୟାଦ୍ୱାରା ଚାଷ ଉଜୁଡ଼ିଯିବା ଫଳରେ ଚାଷୀକୁଳ ଏବେ ବେ-ସାହାରା। ବିପନ୍ନ ଲୋକେ ସହାୟତା ପାଇବା ସାତ ସ୍ୱପ୍ନ ହେଲାଣି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଫସଲ କ୍ଷୟ କ୍ଷତିର ସଠିକ୍ ଆକଳନ କରା ନ ଯାଇ ମାତ୍ର ୧ ଲକ୍ଷ ୨୬ ହଜାର ୧୬୨ ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲହାନୀ ହୋଇଛି ବୋଲି ସୂଚନା ଦିଆଯାଇଛି। ବାସ୍ତବ କ୍ଷେତ୍ରରେ ପୁନଃ ଆକଳନ କରାଗଲେ ଏହାଠାରୁ ଯଥେଷ୍ଟ ଅଧିକ ଫସଲ କ୍ଷତି ହେବାର ତଥ୍ୟ ଆସିପାରିବ ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କ୍ଷେତ୍ରସ୍ତରରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇଛି ଏଥିରେ ବହୁ ତ୍ରୁଟି ରହିଛି। ଅନେକ ଯାଗାକୁ ମଧ କ୍ଷେତ୍ର ଅଧିକାରୀମାନେ ଆଦୌ ଯାଇ ନଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜଭବନରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ସହିତ ସାକ୍ଷାତ ଆଲୋଚନା କରି ୧୭ ଦଫା ସମ୍ବଳୀତ ଏକ ଦାବୀପତ୍ର ମହାମହୀମ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ବିପନ୍ନ ଲୋକଙ୍କୁ ଉଦ୍ଧାର ଓ ଥଇଥାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଥିଲେ। ସରକାର ବିରୋଧୀଙ୍କୁ ବିଶ୍ୱାସ କଲେନାହିଁ। ଯାହା ଫଳରେ ବର୍ତ୍ତମାନର ଅବସ୍ଥା ଅତି ସଙ୍ଗୀନ। ତେଣୁ ରାଜ୍ୟ ସରକାରଙ୍କୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏବେ ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଯେଉଁ ବନ୍ୟା ସହାୟତା ଘୋଷଣା କରିଛନ୍ତି ଏହା କେବଳ ଧର୍ମକୁ ଆଖିଠାର। ଏଥିରେ କିଛି ନୂତନତ୍ୱ ନାହିଁ। ଦ୍ୱିତୀୟତଃ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯେଉଁ କୃଷି ଇନପୁଟ୍ ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ଏଥିରେ ଚାଷୀର ଫସଲ କ୍ଷତି ଭରଣାରେ ଆଦୌ ସମ୍ଭବପର ନୁହେଁ। କାରଣ ଏକ ହେକ୍ଟର ଧାନ ଚାଷ ପାଇଁ ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ। ଏଥିରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩,୫୦୦ ଓ ଅଣ ଜଳସେଚିତ ପାଇଁ ୬,୮୦୦ଟଙ୍କା କୃଷି ଇନପୁଟ୍ ସହାୟତା ଯୋଗାଇ ଦିଆଯାଏ ଏଥିରେ ଚାଷୀ ଲାଭ ପାଇବ କ'ଣ? ତେଣୁ ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି କରାଯିବା ଅତ୍ୟନ୍ତ ଜରୁରୀ। ଉକ୍ତ ଦାବୀପତ୍ରରେ:- ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଫସଲ କ୍ଷୟକ୍ଷତିର ପୁନଃ ଆକଳନ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଅତି ସଅଳ କିସମ ଧାନ ଓ ଡାଲିଜାତୀୟ ବିହନ, ଚିନାବାଦାମ ମଞ୍ଜି ଓ ଆବଶ୍ୟକ ସ୍ଥଳେ ଧାନ ତଳି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବା, ରବିଚାଷ ପାଇଁ ବିହନ ଓ ପନିପରିବା ମଞ୍ଜି ଯୋଗାଣ, ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ସାର, କୀଟନାଶକ ଔଷଧ ରିହାତି ଅର୍ଥରେ ଯୋଗାଇଦେବା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ରବି ଚାଷ ପାଇଁ ବିନା ସୁଧରେ କୃଷି ଋଣ ପ୍ରଦାନ, ପ୍ରଚଳିତ ରିଲିଫ୍ କୋର୍ଡ଼ର ସଂଶୋଧନ, ଧାନ ଫସଲର କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୩୦ ହଜାର ଟଙ୍କା ଓ ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଫସଲ କ୍ଷତିଗ୍ରସ୍ତ ଭାଗଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ, ମନରେଗାରେ କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ୨୦୦ ଦିନ ପର୍ଯ୍ୟନ୍ତ ଶ୍ରମ ବ୍ୟବସ୍ଥା, କେନାଲରେ ରବି ପାଣି ଯୋଗାଣକୁ ତ୍ୱରାନ୍ୱିତ କରିବା, ପ୍ରତି ଚାଷୀଙ୍କୁ ୯୦ ପ୍ରତିଶତ ସରକାରୀ ସହାୟତାରେ ଏକକ ଲିଫ୍ଟ ପଏଣ୍ଟ ବ୍ୟବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ବ୍ୟବସ୍ଥା ଥିବା କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି, ଫସଲବୀମା କରିଥିବା ଚାଷୀ ଯଦି ଚାଷର ଏକମାସ ମଧ୍ୟରେ ସେମାନଙ୍କର ଫସଲ (ତଳି) ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ସେହି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅଗ୍ରୀମ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଧ୍ରୁବ ଚରଣ ପରିଡ଼ା, ବସନ୍ତ କୁମାର ମାହାରଣା, ଦାଶରଥି ସାହୁ, ନାରାୟଣ ପରିଡ଼ା, ସଦାନନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ



ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଓ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରି, ଧର୍ମଶାଳା ସାହିତ୍ୟ ସଂସ୍କୃତିର ଗନ୍ତାଘର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଦୀର୍ଘ ୪୭ ବର୍ଷ ଧରି ଗ୍ରାମାଂଚଳରେ ସାହିତ୍ୟ ସଭା କରିଆସୁଥିବା ବେଳେ ଏହାର ସାହିତ୍ୟ ପତ୍ରିକା ଗୋକର୍ଣ୍ଣିକା ୪୫ ବର୍ଷ ଧରି ବହୁ ଯୁବ ସାହିତ୍ୟିକଙ୍କୁ ସୃଷ୍ଟି କରିଛି । କ୍ଷମତାରେ ଥାଇ ସାହିତ୍ୟ ସଂସ୍କୃତିକୁ ସମ୍ମାନ କରୁ ନଥିବା ବ୍ୟକ୍ତି ମଣିଷ ନୁହେଁ ପଶୁ ସାଙ୍ଗରେ ସମାନ । ଏହି ଅନୁଷ୍ଠାନକୁ ରାଜ୍ୟସ୍ତରରେ ସମ୍ମାନିତ କରିବା ଆମର ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଗୋକର୍ଣ୍ଣିକା ପତ୍ରିକା ହେଉଛି ଓଡିଶାର ଏକ ପ୍ରମୁଖ ସାହିତ୍ୟ ପତ୍ରିକା । ଯାହାକି ଜାରକା ଭଳି ଗ୍ରାମାଂଚଳରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି । ସ୍ୱକ୍ରିୟ ସାରସ୍ୱତ ଶୈଳୀରେ ଜୀବନର ବିବିଧ ଭାଗକୁ ଉନ୍ମୋଚନ କରିବାରେ ପଣ୍ଡିତ ତ୍ରିପାଠୀ ସଫଳ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ ଶରତଚନ୍ଦ୍ର ନାୟକଙ୍କ ପୁସ୍ତକ 'ସଙ୍କିର୍ତନ ସଙ୍ଗୀତ ମାଳା' ଓ ସରୋଜକାନ୍ତ ପରିଜାଙ୍କ 'ଗୀତରେ ଗୀତରେ ବଡମଣିଷ' ପୁସ୍ତକକୁ ଉନ୍ମୋଚନ କରିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କୁ ମର୍ଯ୍ୟାଦାଜନକ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ- ୨୦୨୨ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମା (ରାଉରକେଲା)ଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସାହିତ୍ୟିକ ସରୋଜ କୁମାର ପରିଜା (ବାଲିଚନ୍ଦ୍ରପୁର)ଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କବି ଡ. ଯତିନ୍ଦ୍ର କୁମାର ରାଉତ (ବି ବି ମହାବିଦ୍ୟାଳୟ, ଚଣ୍ଡିଖୋଲ)ଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରଗୁଡିକୁ ଡ. ଇନ୍ଦୁପ୍ରଭା ସାମଲ, ଗାୟତ୍ରୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ପାଠ କରିଥିଲେ। ପରେ ଅତିଥିମାନଙ୍କୁ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ବିଦ୍ୟାଧର ସାହୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ, ମଂଚ ନିମନ୍ତ୍ରଣ କରିଥିବା ବେଳେ, ବ୍ରଜକିଶୋର ଦାଶ ପବିତ୍ର ବେଦପାଠ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରଚିତ ଆବାହନୀ ସଙ୍ଗୀତ 'ହେ ମୋର ଅନ୍ତର୍ଯ୍ୟାମୀ' ଗାନ କରାଯାଇଥିବା ବେଳେ ବ୍ୟାସଶ୍ରୀ କଳା ନିକେତନର ଛାତ୍ରଛାତ୍ରୀମାନେ ସମ୍ପାଦକ ବାଇଧର ମାଝିଙ୍କ ନିର୍ଦ୍ଦେଶନାରେ ସ୍ୱର୍ଗତଃ ତ୍ରିପାଠୀଙ୍କ ଦ୍ୱାରା ରଚିତ ନୃତ୍ୟନାଟିକା ପରିବେଷଣ କରିଥିଲେ। ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ କୁମାର ରଥ, ରିତା ବାରିକ, ବ୍ରଜରାଜ ତ୍ରିପାଠୀ, ଆଲୋକ ରଂଜନ ବିଶ୍ୱାଳ, ନରେନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ରୁଦ୍ରନାରାୟଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥଙ୍କ ଆଗରେ କାନ ଧରି ଭୁଲ ମାଗିଲେ ଟେଷ୍ଟ ହାଉସ ମାଲିକ

ବାଲେଶ୍ୱର (ପିଏନ୍)-ଜଗନ୍ନାଥଙ୍କ ପ୍ରତିକୃତିକୁ ଦଉଡ଼ିରେ ବାନ୍ଧି ଗାଡ଼ିରେ ଲଦି ନେବା ପରି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱରରେ। ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ରଥ ଆକୃତିର ଏକ ତୋରଣ ତିଆରି ହୋଇଥିଲା। ଜଳେଶ୍ୱର ଅଞ୍ଚଳର ଏକ ଟେଷ୍ଟ ହାଉସ ଏହାକୁ ତିଆରି କରିଥିଲା। ସେଠାରେ ସୋଲରେ ତିଆରି ଜଗନ୍ନାଥଙ୍କ ପ୍ରତିକୃତି ଲାଗିଥିଲା। ତେବେ ପୂଜା ପରେ ତୋରଣରେ ବ୍ୟବହୃତ ହୋଇଥିବା ବାଉଁଶ କନା ଓ ଅନ୍ୟ ଜିନିଷ ସହ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିକୁ ଟେଷ୍ଟ ହାଉସ ମାଲିକ ଗାଡ଼ିର ଡାଲାରେ ବାନ୍ଧି ନେଉଥିଲେ। ଏହି ସମୟର ଦୃଶ୍ୟକୁ ଜଣେ କାର୍ ଚାଳକ ଦେଖି ଭିଡ଼ିଓ ଉତ୍ତୋଳନ ସହ ଏହାକୁ ବିରୋଧ କରିଥିଲେ। ଗାଡ଼ି ଡାଲାରେ ଶ୍ରୀଜଗନ୍ନାଥଙ୍କୁ ବାନ୍ଧି ନେବାର ଦୃଶ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସ୍ତା କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ବସ୍ତା ଥାନାକୁ ଯାଇ ସଂପୃକ୍ତ ଟେଷ୍ଟ ହାଉସ ମାଲିକଙ୍କ ନାମରେ ଏତଲା ଦେଇଥିବା ଜନୈକ ଯୁବନେତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ସମ୍ବେଦନଶୀଳତାକୁ ଟେଷ୍ଟ ହାଉସ ମାଲିକ ଓ କର୍ମଚାରୀମାନେ ହୃଦୟଙ୍ଗମ କରି ନିଜର ଭୁଲ ବୁଝିଛନ୍ତି। ଫଳରେ ସେମାନେ ଯାଇ କାଳିଆ ଠାକୁରଙ୍କ ପାଖରେ କାନ ଧରି କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି।

### ଉତ୍କଳ ବିପନ୍ନ ସହାୟତା ସମିତିର ସେବା କାର୍ଯ୍ୟ



ଭୁବନେଶ୍ୱର (ପିଏନ୍): ଚଳିତ ବର୍ଷ ବନ୍ୟାରେ ୧୬ଟି ଜିଲ୍ଲା ପ୍ରଭାବିତ ହୋଇଛି ବୋଲି ସରକାରୀ ଭାବରେ ଘୋଷଣା କରାଯାଇଅଛି। ଏସ୍.ଆର.ସି.ଙ୍କ ଦ୍ୱାରା ବନ୍ୟା ଆଶଙ୍କା ଥିବାରୁ ବନ୍ୟା ଅଂଚଳମାନଙ୍କରେ ନିୟମିତ ବିବରଣୀ ପ୍ରକାଶ କରାଯାଇଥିବାରୁ ଧନ ଜୀବନ ହାନି ନ ହୋଇଥିଲେ ମଧ ଉକ୍ତ ଅଂଚଳରେ ଲୋକମାନଙ୍କର ଗୋଟିଏ ବର୍ଷର ଖାଦ୍ୟ ଯଥା-ଧାନ ଓ ପରିବାପତ୍ର ପଚିସଢ଼ି ନଷ୍ଟ ହୋଇଛି। ସମିତି ତରଫରୁ ବନ୍ୟା ପ୍ରପିଡୀତ ଅଂଚଳ ଯଥା- ଡେଲାଙ୍ଗ, ପିପିଲି, ଗୋପ, କଣାସ ଆଦି ସ୍ଥାନରେ ଶୁଖିଲା ଖାଦ୍ୟ, ଚୁଡା, ଗୁଡ, ବିସ୍କୁଟ ଆଦି ବଂଟନ କରାଯାଇଅଛି ବୋଲି ସମିତିର ସମ୍ପାଦକ ଶ୍ରୀ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଜଣାଇଅଛନ୍ତି।

# ଇଚ୍ଛାମୃତ୍ୟୁ ନିବେଦନ କରିଥିବା ବିଜୟ ବିଷପାନ କଲେ

ବାଲେଶ୍ୱର (ପିଏନ୍)- ଖନ୍ତାପଡ଼ା ଥାନା ବରୁଣସୀ ଅଞ୍ଚଳର ବିଜୟ ଜେନା ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ୨୦୧୮ ମସିହାରେ ଏକ ରାସ୍ତା ଦୁର୍ଘଟଣାରେ ନିଜର ମେରୁଦଣ୍ଡରେ ଆଘାତ ଯୋଗୁଁ ଶଯ୍ୟାଶାୟୀ ହୋଇ ଲୋକଙ୍କ ସାହାଯ୍ୟରେ ଚିକିତ୍ସା ହେଉଥିଲେ। ଛାତି ପାଖରୁ ଗୋଡ଼ ପର୍ଯ୍ୟନ୍ତ କୌଣସି ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିଲା। ଗରିବ ଘରର ହୋଇଥିବା ଯୋଗୁଁ ଜିଲ୍ଲା ପ୍ରଶାସନଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ନିକଟରେ ଗୁହାରୀ କରିଥିଲେ ସୁଦ୍ଧା ବିଜୟଙ୍କ କଥା କେହି ଶୁଣିନଥିଲେ। ଏପରିକି ତାଙ୍କୁ ଘର ଖଣ୍ଡିଏ ମିଳିନାହିଁ। ସାଢ଼େ ଚାରିବର୍ଷ ଏହିଭଳି ଯନ୍ତ୍ରଣାରେ ଘାଣ୍ଟି ହେବା ପରେ ଶେଷରେ ଅଗଷ୍ଟ ମାସରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ଏପରି ସମୟରେ ବିଜୟ ଏକ ସାର ଦୋକାନରୁ ବିଷ କିଣି ପିଇ ଦେଇଥିବା ଭିଡ଼ିଓ କରି ସାଙ୍ଗସାଥୀମାନଙ୍କୁ ଜଣାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଘର ଲୋକ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

# ଜନଜାତି ସମାବେଶରେ ଯୋଗଦେଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ



ଧର୍ମଶାଳା (ପିଏନ୍): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ତିନିଦିନିଆ ଯାଜପୁର ଗସ୍ତରେ ଆସିଥିବା ବେଳେ ଗତକାଲି ସେ ଧର୍ମଶାଳା ଗସ୍ତ କରି ବଉଳମାଳ ପଂଚାୟତର ଇଛାପୁର ଖେଳପଡିଆରେ ଅନୁଷ୍ଠିତ ଜନଜାତି ସମାବେଶରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ତୃଣମୂଳ ସ୍ତରରେ ପହଂଚାଉ ନଥିବା ଅଭିଯୋଗ କରିଥିଲେ। ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ କବାଟବନ୍ଧଠାରୁ ମନ୍ତ୍ରୀଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାମଂଚ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଶ୍ରୀ ମୁଣ୍ଡା କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ କରୋନା ଟିକା ଲୋକମାନଙ୍କୁ ନୂଆ ଜୀବନ ଦେଇଛି। ଲୋକେ ଆଉ କରୋନାକୁ ନଡରି ସ୍ୱାଭାବିକ ଜୀବନଯାପନ କରୁଛନ୍ତି ବୋଲି ସେ କହିଛନ୍ତି । ଯାଜପୁର ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଥାଇ ମଧ୍ୟ ଅନୁସୂଚିତ ଜନଜାତି ଓ ଗରିବ ଲୋକମାନଙ୍କର ସେଭଳି ଉନ୍ନତି ହୋଇନାହିଁ । ଖଣିଜ ସମ୍ପଦ ଟଙ୍କା କେଉଁଆଡେ ଯାଉଛି ବୋଲି କହି ରାଜ୍ୟ ସରକାରଙ୍କୁ ତେରଛା ବାଣ ମାରିଥିଲେ । ସଭାରେ ଯୋଗଦେବା ପରେ ମନ୍ତ୍ରୀ ସ୍ଥାନୀୟ ଖଜୁରିବାଟି ଗାଁର ମନୋଜ ଘଡେଇଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ । ଏହି ସମାବେଶରେ ଆଖପାଖ ଅଂଚଳର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ ।




# ମଇ ୨୧ ରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ

ପୁରୀ, (ପି.ଏନ): ୧୯୩୦ ମସିହା ମଇ ମାସ ୨୧ ତାରିଖ ଅସ୍ତରଙ୍ଗ ବ୍ଲକ କୁହୁଡି ପାଇଁ ଲବଣ ସତ୍ୟାଗ୍ରହର ଏକ ପ୍ରମୁଖ ଦିନ। ଏଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲବଣ ଆଇନ ଭଙ୍ଗ କରି ସତ୍ୟାଗ୍ରହୀ ମାନେ କାରାବରଣ କରିଥିଲେ। ଏହି ସ୍ମୃତିକୁ ସ୍ମରଣ କରି ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କୁହୁଡି ଠାରେ ପ୍ରତିବର୍ଷ ସ୍ମାରକୀ ଦିବସ ପାଳନ କରିଥାନ୍ତି। ଚଳିତ ବର୍ଷ ମଇ ମାସ ୨୧ ତାରିଖରେ ୯୩ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ କୁହୁଡି ଠାରେ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏହି ଐତିହାସିକ ଦିବସକୁ ଶୃଙ୍ଖଳିତ ଭାବେ ପାଳନ ସହ ଏହାର ଗାରିମାକୁ ପର ପିଢ଼ିକୁ ଅବଗତ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ବିଗତ ବର୍ଷ ମାନଙ୍କର ବ୍ୟବସ୍ଥା ଓ ଚଳିତ ସମାରୋହ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ପରେ ନିଷ୍ପତି ହେଲା ଯେ, ମଇ ୨୧ ତାରିଖ ପ୍ରତ୍ୟୁଷରୁ ରାମଧୂନ ପରିବେଷଣ ହେବ। ପରେ ବ୍ଲକ ପରିସର ଓ କୁହୁଡି ସ୍ଥିତ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ବ୍ଲକ ଠାରୁ କୁହୁଡି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। କୁହୁଡି ଠାରେ ଜାତୀୟ ପତାକା ଉତୋଳନ ପରେ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସଂଗ୍ରାମୀ ଦାୟାଦ ଭାବେ ରାଧି ବେଓ୍ୱାଙ୍କ ନାତୁଣୀ ବୋହୂ କନକଲତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ପୂର୍ବରୁ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଓଡିଆ ବକ୍ତୃତାର ବିଷୟ ଲବଣ ସତ୍ୟାଗ୍ରହ ଓ ମଧୁସୂଦନ, ଓଡ଼ିଆ ପ୍ରବନ୍ଧର ବିଷୟ ଲବଣ ସତ୍ୟାଗ୍ରହରେ କୁହୁଡିର ଭୂମିକା ଓ ଚିତ୍ରାଙ୍କନର ବିଷୟ ଲବଣ ସତ୍ୟାଗ୍ରହ କୁହୁଡି ରଖାଯାଇଛି। ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ପ୍ରତିଯୋଗିତାର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ବିଦ୍ୟାଳୟ ମାନଙ୍କୁ ସୂଚିତ କରିବେ ବୋଲି ସ୍ଥିର ହେଲା। ପ୍ରତିମୂର୍ତି ସ୍ଥଳ ପରିଷ୍କାର ପରିଛନ୍ନ କରିବା ସହ ରଙ୍ଗ ଦେବା ଓ ବ୍ଲିଚିଂ ସିଂଚନ କରିବା, ଆଲୋଚନାଚକ୍ର ସ୍ଥାନ ପରିଷ୍କାର ରଖିବା, ପାନୀୟ ଜଳ ବ୍ୟବସ୍ଥା କରିବା, କୁହୁଡି ପ୍ରବେଶ ପଥରେ ତୋରଣ ବ୍ୟବସ୍ଥା କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସମିତି ସଂଯୋଜକ କାଳନ୍ଦୀ ଚରଣ ଛାଟୋଇ, ସଦସ୍ୟ ସତ୍ୟବ୍ରତ ଲେଙ୍କା, ଆଭାସୀ ମାଧ୍ୟମରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡ଼ିଓ ବେବିତା ମଞ୍ଜରୀ ନାୟକ, ଆଇଆଇସି ପଂଚାନନ ପରିଡା, ବ୍ଲକ ଶିକ୍ଷା ଅଧିକାରୀ ଚିତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ସ୍ୱାଭିମାନ ଦିବସ ପାଳିତ

ସୁବର୍ଣ୍ଣପୁର, (ପି.ଏନ): ଆମ ଓଡ଼ିଶା ଓ ସମ୍ବାଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ସ୍ୱାଭିମାନ ଦିବସ କୋଶଳ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବର୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଓକିଲ ସଂଘର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର ତଥା ସମ୍ମାନିତ ବକ୍ତା ଭାବରେ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଉପସ୍ଥିତ ରହିଥିଲେ । ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୀବନାଦର୍ଶ, ବ୍ୟକ୍ତିତ୍ୱ ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀ ମାନେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ସମ୍ବାଦର ଜିଲ୍ଲା ପ୍ରତିନିଧି ରତନ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ଦୟାନିଧି ଦାଶ ଉପସ୍ଥିତ ରହି ସହାୟତା ଯୋଗାଇ ଦେଇଥିଲେ। ଶିକ୍ଷୟତ୍ରୀ ସ୍ମିତାରାଣୀ ନାଏକ ସଭା କାର୍ଯ୍ୟ ସଂଯୋଜନା କରିଥିଲେ । ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯଥା ପ୍ରମୋଦ ସାହୁ, ୟୁସୁଫ୍ ଖାନ୍, ସଂଗୀତା ପ୍ରଧାନ, ରୀନା ବୁଡେକ, ସୁଜିତ ବିଶ୍ୱାଳ ଓ ସରୀତା ମେହେର ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।

# ସଂରକ୍ଷଣରୁ କେଉଟ, ଧିବର, କୈବର୍ତ ହଟାଓ ଅଭିଯାନ, ଶୋଭାଯାତ୍ରା

ସୁବର୍ଣ୍ଣପୁର, (ପି.ଏନ): କେଉଟ, ଧିବର, କୈବର୍ତ ଜାତି ଚଂଚକତା କରି ଅନୁସୂଚୀତ ଜାତି ତାଲିକାରେ ସାମିଲ ହୋଇ ସରକାରଙ୍କ ସଂରକ୍ଷଣ ସୁବିଧା ହାତେଇ ନେଇଥିବା ନେଇ ଦଳିତ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଅସ୍ପୃଶ୍ୟ ସଂରକ୍ଷଣ ସୁରକ୍ଷା ସମିତି ପକ୍ଷରୁ ଆଜି ଡୁଙ୍ଗୁରିପାଲିରେ ବ୍ଲକ ସ୍ତରୀୟ କେଡିକେ ହଟାଓର ଅଭିଯାନ ଆରମ୍ଭ କରାଯାଇଛି । ଚଂଚକତା କରି ଏସସି ତାଲିକାରେ ସାମିଲ ଥିବା ଉକ୍ତ ତିନି ଜାତିକୁ ସଂରକ୍ଷଣରୁ ବାଦ ଦେବା ଅଭିଯାନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଅଛୁଆଁ ଜାତିକୁ ନେଇ ସଂରକ୍ଷଣ ସୃଷ୍ଟି ହୋଇଥିବା ବେଳେ ସବର୍ଣ୍ଣ ତଥା ସମାଜରେ ଛୁଆଁ ଭାବରେ ପରିଚାଳିତ ଉକ୍ତ ତିନି ଜାତି କିପରି ଏସସି ତାଲିକାରେ ଅନ୍ତର୍ଭୁକ୍ତ ହେଲେ । ତେଣୁ ଆଜି ଏକ ବିରାଟ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଗଣ୍ଡା, ଘାସି, ପାତିକାର, ଧୋବା ସମାଜର ଲୋକେ ସ୍ଥାନୀୟ ଆରଏମସି ପରିସରରୁ ବାହାରି ସହର ପରିକ୍ରମା କରିଥିଲେ । ନକଲି ହଟାଓ ସଂରକ୍ଷଣ ବଂଚାଓ ନାରାରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଉଠିଥିଲା । ଶୋଭାଯାତ୍ରା ପରେ ବ୍ଲକ କାର୍ଯ୍ୟାଳୟରେ ପହଂଚି ଏବିବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆମ୍ବେଦକରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଦାବୀ ପତ୍ର ପ୍ରଦାନ ବେଳେ ସେଠାରେ ଜିଲ୍ଲା ସଂଯୋଜକ ଲକ୍ଷ୍ମଣ ଭରାସାଗର, ଗଣ୍ଡାସମାଜର ସଭାପତି ମାଧବ କୁମ୍ଭାର, ଜିଲ୍ଲା ରଜକ ସମାଜର ସଭାପତି ରତ୍ନାକର ସେଠ, କୋଷାଧ୍ୟକ୍ଷ ପ୍ରଶାନ୍ତ ସେଠ, ଚମାର ସମାଜର ବ୍ଲକ ସଭାପତି ବୀର ମହେର, ଘାସି ସମାଜର ସଭାପତି ସଂକିର୍ତନ, ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତାପସ ଦାଶ, ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଭିମସେନାର ରାଜ୍ୟ ସଭାପତି ନରେନ୍ଦ୍ର ରାବଣ, ବଳଦେବ ଆଜାଦ ରାବଣ, ସୁବାସ ସୁନା, ପ୍ରକାଶ କୁମ୍ଭାର, ନିତେଇ ପାଳ, ଭୁବନ ନାଗ, ମଞ୍ଜୁ କୁମ୍ଭାର, ରେଣୁକା ଦୀପ, ରାଜୁ ତାଣ୍ଡି, ମିଳନ କୁମ୍ଭାର, ରଥ କୁମ୍ଭାର, ଅସର୍ପି କୁମ୍ଭାର, କୃଷ୍ଣଚନ୍ଦ୍ର ବାଗ, ଅଶୋକ ନାଏକ, ଜେହେରୁ ବାଗ, ଅନିରୁଦ୍ଧ ଦୀପ, ସହଦେବ ମହାନନ୍ଦ, ମହେନ୍ଦ୍ର ସୁନା, ଲଛମନ ସୁନା, ନିର୍ଜଳା କୁମ୍ଭାର ପ୍ରମୁଖ ଉପସ୍ଥିତ ରହି କେଡିକେ ହଟାଓ ଅଭିଯାନ ଆଗକୁ ଆହୁରି ଗୁରୁତର ଆକାର ଧାରଣ କରିବ ବୋଲି କହିଥିଲେ ।ଦାବୀପତ୍ର ପ୍ରଦାନ ବେଳେ ଡୁଙ୍ଗୁରିପାଲି ବିଡିଓ ଅନୁପସ୍ଥିତ ଥିବାରୁ ଉତେଜନା ଦେଖା ଦେଇଥିଲା । କାର୍ଯ୍ୟକ୍ରମକୁ ନେଇ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳ ପାଇଁ ସତର୍କ ରହିଥିଲେ । ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗୀ ଉପସ୍ଥିତ ଥିଲେ ।

# ଜୀବେ ନିଷ୍ଠୁରତା ନିରୋଧ ସମିତି ମାଲକାନଗିରି ତରଫରୁ ପିସିଏ ଆକ୍ଟ ଉପରେ ଜନସଚେତନତା ଶିବିର

ମାଲକାନଗିରି, (ପି.ଏନ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜୀବେ ନିଷ୍ଠୁରତା ନିରୋଧ ସମିତି ତରଫରୁ ଜୀବ ନିଷ୍ଠୁରତା ଆଇନ ଉପରେ ଏକ ଜନସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଜିଲ୍ଲା ପରିଷଦ ଉପସଭାପତି ପତିତପାବନ ବୈଦ୍ୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର ଆରକ୍ଷୀ ଅଧିକାରୀ ହିମାଂଶୁ ବାରିକ ଏବଂ ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏବଂ ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଜୀବେ ଦୟା ଉପରେ ଅନେକ ବାର୍ତା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ବାରିକ ଜୀବେ ନିଷ୍ଠୁରତା ଉପରେ ପୋଲିସ ବିଭାଗର ଦାୟିତ୍ୱ ଏବଂ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ବୃନ୍ଦଙ୍କ ପ୍ରାଣୀ କଲ୍ୟାଣ ଉପରେ ଥିବା ନିୟମ ବିଷୟରେ ଜନ ସାଧାରଣଙ୍କୁ ବୁଝାଇଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଜିଲ୍ଲା ଜୀବେ ନିଷ୍ଠୁରତା ସମିତିର ସଚିବ ଡା. ଅଶୋକ କୁମାର ତ୍ରିପାଠୀ ଜୀବେ ଦୟା ଏବଂ ନିଷ୍ଠୁରତା ଉପରିସ୍ଥ ନିୟମ ଆଦି ଜନ ସାଧାରଣଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଜନ କଲ୍ୟାଣ ଗୋ ସେବା ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମଚାରୀ ମାଧବ ଚୈତନ୍ୟ ଯୋଗଦେଇ ଜୀବେ ଦୟାର ଆଧ୍ୟାତ୍ମିକ ଦିଗ ଉପରେ ସଚେତନତା କରିଥିଲେ । ଅନ୍ୟତମ ମୁଖ୍ୟବକ୍ତା ଅଧ୍ୟାପକ ରଞ୍ଜନ ସ୍ୱାଇଁ ଜୀବେ ଦୟା ଉପରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିଭାଗର ଏଡ଼ିଭିଓ, ଏସଡିଭିଓ ଏବଂ କୋରୁକୋଣ୍ଡା କାଲିମେଳା ବିଡିଓଙ୍କ ସହ ପୋଲିସ ବିଭାଗ, ଶିକ୍ଷା ବିଭାଗ, ଆରଟିଓ ଅଫିସର କର୍ମକର୍ତା, ମାଲକାନଗିରି ମୁନିସିପାଲିଟିର କର୍ମକର୍ତାଙ୍କ ସହ ବାଲିମେଳା ଶ୍ରୀ ଲକ୍ଷ୍ମୀ ନାରାୟଣ ଗୋଶାଳାର କର୍ମକର୍ତା ଏବଂ ଅନେକ ପ୍ରାଣୀ ପ୍ରେମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ କଲ୍ୟାଣ) ଡା. ସଂଗୀତା ରାଣୀ ଭୂପତି ଏବଂ ମାଲକାନଗିରି ସଦର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭ୍ରାଂଶୁ ସାହୁ ପରିଚାଳନା କରିଥିଲେ ।

# ହାତୀ ଆକ୍ରମଣରେ ଶିଶୁକନ୍ୟା ମୃତ

ଘଟଗାଁ, (ପି.ଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ମେଣ୍ଢାମୁଣ୍ଡି ସାହିରେ ହାତୀ ଆକ୍ରମଣରେ ଏକ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି । ମାଆ ଓ ବାପାଙ୍କ ସହିତ ଅନ୍ୟ ଜଣେ ଶିଶୁକନ୍ୟା ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି ।ମିଳିଥିବା ଖବର ଅନୁଯାୟୀ, ଗ୍ରାମର ଡାକ୍ତର ମୁଣ୍ଡା, ପତ୍ନୀ ରଶ୍ମିତା ମୁଣ୍ଡା ନିଜର ଦୁଇ ଶିଶୁ କନ୍ୟାଙ୍କ ସହ ଖାଇସାରି ଘରେ ଶୋଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଘରକୁ ଭାଙ୍ଗି ଦେଇଥିଲା । ଫଳରେ ଘରର କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ ପରିବାରର ସମସ୍ତ ସଦସ୍ୟ । ଖବର ପାଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ପ୍ରଥମେ ଘଟଗାଁ ଡାକ୍ତରଖାନା ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଏକ ବର୍ଷର ଶିଶୁକନ୍ୟା ମାନସି ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ସମସ୍ତେ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି । ଘଟଣାସ୍ଥଳରେ ବନବିଭାଗ କର୍ତୃପକ୍ଷ ପହଂଚି ଘଟଣାର ସତ୍ୟତା ଜାଣିବା ପାଇଁ ତଦନ୍ତ ଜାରି ରଖିଛନ୍ତି । କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ ସହ ରହିବା ପାଇଁ ଗୋଟିଏ ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ତ୍ରିଦିବସୀୟ ସଙ୍କୁଳ ସ୍ତରୀୟ ସାମୂହିକ କର୍ମଶାଳା ଉଦଯାପିତ

ଜୟପୁର,(ପି.ଏନ): ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜୟପୁର ସଙ୍କୁଳର ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦଯାପିତ ହୋଇଯାଇଛି। ଅପ୍ରେଲ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଅରବିନ୍ଦ ନଗର, ଶାରଦା ବିହାର, ଲମତାପୁଟ, ବୈପାରିଗୁଡା, କୁନ୍ଦୁରା, ଆମ୍ବଗୁଡା, ବୋରିଗୁମ୍ମା, କୁମୁଲି ଏବଂ କୋଟପାଡ଼ ଶିଶୁମନ୍ଦିର ଗୁଡିକର ୧୨୩ ଜଣ ପ୍ରଶିକ୍ଷାର୍ଥୀ ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ। ୬୦ଟି ଶୈକ୍ଷିକ କାଳାଂଶ ସହ ସର୍ବମୋଟ ୬୬ଟି କାଳାଂଶକୁ ଲକ୍ଷ୍ମୀକାନ୍ତ ମିଶ୍ର, କିରଣ ବାଳା ପ୍ରଧାନ, ସଦାନନ୍ଦ ଅଧିକାରୀ, ଭାଗବାନ ପାଢ଼ୀ, ତପସ୍ୱିନୀ ସାହୁ, ମମତା ମହାପାତ୍ର, ଅନୁପମା ମହାପାତ୍ର, ମମତା ହୋତା, ଏ. ଶଙ୍କର ରାଓ, ବିନୟ କୁମାର ମୁଣ୍ଡ, ସୁଜାତା ପଣ୍ଡା, ସୁଭାଷିନୀ ବିଶ୍ୱାଳ, ସଂଗୀତା ମହାପାତ୍ର, ସ୍ୱପ୍ନ ଦଣ୍ଡସେନା, ସୁଲଗ୍ନା ମହାନ୍ତି, ତନୁଜା ମହାନ୍ତି, ପଦ୍ମିନୀ ମହାପାତ୍ର, ସୁନୀତା ପଣ୍ଡା, ସ୍ୱରୂପ ଦାଶ, ଟି. ରାମେଶ୍ୱର ରାଓ, ମୋନାଲିସା ବାହାଦୁର, ରାମଚନ୍ଦ୍ର ମହାନ୍ତି ଏବଂ ସୁଜାତା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।ଉଦଘାଟନ ଓ ସମାରୋପ କାର୍ଯ୍ୟକ୍ରମରେ ଡଃ. ଗଙ୍ଗାଧର ନନ୍ଦ, ହରିହର କରସୁଧା ପଟ୍ଟନାୟକ, କିଶୋର କୁମାର ତ୍ରିପାଠୀ, ମାଧବ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା, ବ୍ୟକ୍ତି ଅପେକ୍ଷା ରାଷ୍ଟ୍ର ସର୍ବୋପରି ବିଶ୍ୱ ସଂସ୍କୃତିକୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ, ସଭାପତି ପ୍ରେମାନନ୍ଦ ନାୟକ, ସମ୍ପାଦକ ସତ୍ୟବାଦୀ ମିଶ୍ର, କୋଷାଧ୍ୟକ୍ଷ ମିହିର କୁମାର ମିଶ୍ର, ଉପ ସଭପତି ଦୁର୍ଗା ମାଧବ ଦାଶ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବେହେରା, ସଦସ୍ୟା ଗୌରୀ ପଣ୍ଡା ଓ ଚଂଚଳା ଭୂମିଆ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭାରତରେ ରାଜନୈତିକ ନ୍ୟାୟବୋଧ ସ୍ପଷ୍ଟ ହେବ କେବେ:ଏଫପିଆଇ

ଭୁବନେଶ୍ୱର,(ପି.ଏନ): ଦୁଃଖ ଓ ଲଜ୍ୟାର ବିଷୟ ଏହି ଯେ ଭାରତର ସ୍ୱାଧୀନତା ବେଳେ ଯେଉଁ ନେତାମାନେ କର୍ଣ୍ଣଧାର ସାଜିଥିଲେ ସେମାନେ ବାସ୍ତବିକ ସତ୍ୟାନୁଗ୍ରାହୀ ନଥିଲେ। ସେମାନେ କେହି ୧୫୪୩ରେ ଆବିଷ୍କୃତ ସୋଲାର ସିଷ୍ଟମ୍ ବା ସୌର ଜଗତ ବିଷୟରେ ନିଜର କିଛି ଜ୍ଞାନ ରହିଛି ତାହା ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କିମ୍ବା ପ୍ରସାର କରି ନଥିଲେ। କଥା ହେଲା ଭାରତର ନେତୃବର୍ଗ ମୁଖ୍ୟତଃ ଅନ୍ଧବିଶ୍ୱାସୀ ଥିଲେ । ଅସଲ ସତ୍ୟର ସାମ୍ନା କରିବା ପାଇଁ ଅଂଟାରେ ପ୍ରକୃତ ଦମ୍ ନ ଥିଲା।

ବାଲ୍ ଗଂଗାଧର ତିଲକ ବଡ଼ ମେଧାବୀ ଛାତ୍ର ଥିଲେ। ମାତ୍ର ରାଜନୀତିରେ ପ୍ରବେଶ କରୁ କରୁ ଜନତାଙ୍କୁ ହାତମୁଠାରେ ରଖିବା ପାଇଁ ସେ "ଶିବାଜୀ ଜୟନ୍ତୀ" ଓ "ଗଣପତି ପୂଜା" ଆରମ୍ଭ କରିଥିଲେ। ଗଣେଶ ପୂଜା ଓ ଶିବାଜୀ ଜୟନ୍ତୀ ମାଧ୍ୟମରେ ସେ ଜନପ୍ରିୟତା ହାସଲ କରିଥିଲେ। କୋପରନିକସ୍‌ଙ୍କ ଚିନ୍ତାଧାରା ଠାରୁ ସେ ବହୁ ଦୂରରେ ଥିଲେ। ସୂର୍ଯ୍ୟଚାରିପଟେ ପୃଥିବୀ ବୁଲୁଛି ଏବଂ ପୃଥିବୀ ଚାରିପଟେ ସୂର୍ଯ୍ୟବୁଲୁ ନାହିଁ ଏହି କଥା ଉଚ୍ଚାରଣ କରିବା ପାଇଁ ତାଙ୍କର ତାକ୍‌ତ ନଥିଲା। କାରଣ ଏ ଦୁନିଆରେ ଯେତେ ଅନ୍ଧବିଶ୍ୱାସ ଓ ଅନ୍ଧପରମ୍ପରା ରହିଛି ତା'ର ମୂଳାଧାର ହିନ୍ଦୁ ଧର୍ମରେ ହେଉ ବା ଅନ୍ୟ କୌଣସି ଧର୍ମରେ ହେଉ ସ୍ୱର୍ଗନର୍କକୁ ନେଇ ରହିଛି। ପୃଥିବୀ ଚାରିପଟେ ସୂର୍ଯ୍ୟ ବୁଲୁଛି। କାହା ଇଙ୍ଗିତରେ ଏହା ଚାଲୁଛି ? ଏହା ଭଗବାନଙ୍କ ଇଙ୍ଗିତରେ ଚାଲିଛି। ଭଗବାନ କେଉଁଠି ରହୁଛନ୍ତି ? ସେ ରହୁଛନ୍ତି ସ୍ୱର୍ଗରେ। କିଏ ଦେଖିଛନ୍ତି ? ଏ ପ୍ରଶ୍ନର ଉତ୍ତର ଦେଲା ବେଳକୁ ଅକଲ୍ ଗୁଡୁମ୍।

ମୋହନଦାସ କରମଚାନ୍ଦ ଗାନ୍ଧିଙ୍କ ପିତା ପୋରବନ୍ଦର ନାମକ ଏକ ଗଡ଼ଜାତ ରାଜ୍ୟର ପ୍ରଧାନମନ୍ତ୍ରୀ ଥିଲେ। ଆର୍ଥିକ ଅବସ୍ଥା ତାଙ୍କର ଭଲ ଥିଲା। ମୋହନ ଦାସଜୀ ଆଇନ୍ ପାଠ ପଢ଼ିବା



ପାଇଁ ବିଲାତ ଯାଇଥିଲେ। ସେଠାରେ ଭାରତର ସ୍ୱାଧୀନତା ପାଇଁ ଦାବି କରୁଥିବା ବିଶିଷ୍ଟ ରାଜନେତା ଚାର୍ଲସ ବ୍ରାଡ଼୍‌ଲାଫଙ୍କ କାର୍ଯ୍ୟକଳାପରେ ସେ କିଛିଟା ଉଦ୍‌ବୁଦ୍ ହୋଇଥିଲେ। ବ୍ରାର୍ଡ଼ଲାଫ ନିରୀଶ୍ୱରବାଦୀ ଥିଲେ। ସେ ମୁକ୍ତଚିନ୍ତନର ବଡ଼ ପ୍ରବକ୍ତା ଥିଲେ। ସେ ୧୮୯୧ ମସିହା ଜାନୁୟାରୀ ୩୦ ତାରିଖରେ ପ୍ରାଣତ୍ୟାଗ କରିଥିଲେ। ଏହି ରାଜନେତା ବ୍ରିଟିଶ୍ ପାର୍ଲିଆମେଂଟରେ ସଦସ୍ୟ ଥିଲେ। ତାଙ୍କ ଶବ ଶୋଭାଯାତ୍ରାରେ ମୋହନଦାସ କରମଚାନ୍ଦ ଗାନ୍ଧି ଯୋଡ଼ିହୋଇଥିଲେ। କିନ୍ତୁ ଭାରତକୁ ଫେରିବା ପରେ ସେ ଚାର୍ଲସ୍ ବ୍ରାଡ଼୍‌ଲାଫ୍‌ଙ୍କୁ ସଂପୂର୍ଣ୍ଣ ଭୁଲି ଗଲେ। ଏକ ଆଇନ୍ ଗତ ବ୍ୟାପାରରେ ସେ ନ୍ୟାୟ ଦେବା ପାଇଁ ସାଉଥ୍ ଆଫ୍ରିକା ଚାଲିଗଲେ। ସେଠାରେ ପ୍ରାୟ ସେ ୨୦ ବର୍ଷ ରହିଲେ। ଭାରତକୁ ଫେରି ସେ ଅନ୍ଧବିଶ୍ୱାସ, ଅନ୍ଧପରମ୍ପରାର ପଥିକ ହେଲେ। ସ୍ୱାଧୀନତା ମିଳିବା ପର୍ଯ୍ୟନ୍ତ ୧୯୪୭ ଅଗଷ୍ଟ ୧୫ ଯାଏ ସେ କଂଗ୍ରେସ ଦଳର ପ୍ରମୁଖ ନେତା ଥିଲେ। ମାତ୍ର ରାଜନୈତିକ "ନ୍ୟାୟବୋଧ"ର ବଡ଼ ପ୍ରବକ୍ତା ଭାବେ ଜନ୍‌ଷ୍ଟୁଆର୍ଟ ମିଲ୍ ଯେଉଁ ଉଚ୍ଚ ରାଜନୈତିକ ନ୍ୟାୟବୋଧର ପ୍ରବକ୍ତା ଥିଲେ ତା'ର ସେ ଆଦୌ ଧାର ଧରୁନଥିଲେ। ଫଳତଃ ସ୍ୱାଧୀନତା ପାଇଲା ବେଳକୁ ହିନ୍ଦୁ ମୁସ୍‌ଲିମ୍ ସମସ୍ୟା ଘେର ମଧ୍ୟରେ ମହାତ୍ମା ଗାନ୍ଧି, ମହମ୍ମଦ ଅଲ୍ଲୀ ଜିନା ଆଦି ନେତାମାନେ ପଡ଼ିଯାଇଥିଲେ। ଧର୍ମ ନିରପେକ୍ଷତା, ବ୍ୟକ୍ତିମର୍ଯ୍ୟାଦା, ଚାର୍ଲସ୍ ବ୍ରାର୍ଡ଼ଲାଫଙ୍କର ମୁକ୍ତଚିନ୍ତନ, ଜେଏସ୍ ମିଲ୍‌ଙ୍କ ଆନୁପାତିକ ପ୍ରତିନିଧିତ୍ୱ ଏବଂ ନିକୋଲାସ୍ କୋପରନିକସ୍‌ଙ୍କ ସୂର୍ଯ୍ୟ-କୈନ୍ଦ୍ରିକ ଭାବଧାରା ଓ ଆବିଷ୍କୃତ ସୌରଜଗତର ମହତ୍ୱ ପ୍ରତି ଅବଜ୍ଞାଭାବ ରଖି ସେ ସମୟର ନେତାମାନେ ନେତୃତ୍ୱ ଦେଉଥିଲେ। ଫଳତଃ ଭାରତ ବିଭାଜିତ ହେଲା। ପାକିସ୍ତାନ ନାମରେ ଅନ୍ୟ ଏକ ଦେଶର ଉତ୍ପତି ଘଟିଲା। ସ୍ୱାଧୀନ ଭାରତର ସଂବିଧାନ ତିଆରି କରିବା ପାଇଁ ଯେଉଁମାନେ କାର୍ଯ୍ୟରତ ରହିଲେ ସେମାନେ ଜେଏସ୍ ମିଲ୍‌ଙ୍କ ଭାବଧାରା ପ୍ରତି, ତାଙ୍କ ରାଜନୈତିକ ନ୍ୟାୟବୋଧ ପ୍ରତି କୌଣସି ନେତା ଅଙ୍ଗିକାରବଦ୍ଧତା ଦେଖାଇଲେ ନାହିଁ। ଜବାହାରଲ୍ ନେହୁରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍, କେମ୍ ମୁନିସ୍ ଏପରି କି ଡ଼କ୍ଟର ଆମ୍ବେଦକର ଆନୁପାତିକ ନିର୍ବାଚନ ପଦ୍ଧତି ସପକ୍ଷରେ ଛିଡ଼ାହେବାର ବଳିଷ୍ଠ ଦୃଷ୍ଟାନ୍ତ ନାହିଁ।

୨୦୧୯ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ୩୭% ଭୋଟ ପାଇ ଲୋକସଭାରେ ୫୬% ସିଟ୍ (୫୪୩ ରୁ ୩୦୩) ଦଖଲ କରିଛନ୍ତି। ରାଜନୈତିକ ନ୍ୟାୟବୋଧ ଥିଲେ ଏ ଆସନର ପରିମାଣ ୨୦୦ ହିଁ ହୋଇଥାନ୍ତା। କଂଗ୍ରେସ ଦଳ ୨୦% ଭୋଟ ସେତେବେଳେ ପାଇଥିଲେ ମଧ୍ୟ ଏହାର ଆସନ ସଂଖ୍ୟା ସମଗ୍ର ଗୃହର ଶତାଂଶ ୧୦ରୁ ତଳକୁ ଖସିଲା। ଲୋକସଭାରେ ୧୦୮ଟି ସିଟ୍ ପାଇବା ଜାଗାରେ କଂଗ୍ରେସ ଦଳ ହାତକୁ ମାତ୍ର ୫୨ଟି ସିଟ୍ ଆସିଛି। ଏଭଳି ଦୁଃସ୍ଥିତିରେ ପଡ଼ିଥିବା କଂଗ୍ରେସ ଦଳର ନଂ ୧ ରାଜନେତା ରାହୁଲ ଗାନ୍ଧିଙ୍କ ପାଖରେ ପ୍ରତିକାର ମୂଳକ କୌଣସି ଉଚ୍ଚତର ଭାବନା ନାହିଁ। ଯେଉଁ ସିଷ୍ଟମ୍ ବଳରେ ବିଜେପି ଦଳ ଆଗଧାଡ଼ିରେ ଅଛି ରାହୁଲ ଗାନ୍ଧି ଭାବୁଛନ୍ତି ୨୦୨୪ ନିର୍ବାଚନରେ ରାଜନୈତିକ ହାଓ୍ୱା ତାଙ୍କ ସପକ୍ଷରେ ବୋହିବ ଏବଂ ସେ ମାତ୍ର ୩୫, ୩୬% ଭୋଟ ପାଇଁ ଲୋକସଭାରେ ତାଙ୍କ ଦଳର ସଂଖ୍ୟା ଗରିଷ୍ଠତା ହାସଲ କରିବେ ଏବଂ ସେ ମୋଦିଙ୍କ ଭଳିଆ ପ୍ରଧାନମନ୍ତ୍ରୀ ହେବେ। ଏଥିରେ ରାଜନୈତିକ ସାଧୁତା ଅଛି କି ? ୨୬.୦୪.୨୦୨୩ରେ ଛତିଶ୍‌ଗଡ଼ରେ ମାଓବାଦୀଙ୍କ ହିଂସାର ଶିକାର ହୋଇଛନ୍ତି ୧୦ ଜଣ ସୈନିକ ଏବଂ ସେମାନଙ୍କ ମିଲ୍‌ଟାରୀ ଗାଡ଼ିର ଡ୍ରାଇଭର। ବିସ୍ଫୋରକ ପଦାର୍ଥ ବ୍ୟବହାର କରି ଏହି ୧୧ ଜଣଙ୍କୁ ମାରିଛନ୍ତି ମାଓବାଦୀମାନେ। ମାଓବାଦୀଙ୍କ ବିରୁଦ୍ଧରେ କମ୍ବିଂ ଅପରେସନ୍ ଜରିଆରେ ଭାରତୀୟ ସେନା ଅନେକ ମାଓବାଦୀଙ୍କ ପ୍ରାଣହାନୀ ଅତୀତରେ ଘଟାଇଛନ୍ତି। ଏ ଧରଣର କାର୍ଯ୍ୟକଳାପ ନେପାଳରେ ଚାଲିଥିଲା। ନେପାଳ ଏକ ହିନ୍ଦୁ ରାଜୁଡ଼ା ରାଷ୍ଟ୍ର ଥିଲା। ସେଠାକାର ରାଜନେତାମାନେ ଏକଜୁଟ୍



ହୋଇ ନେପାଳକୁ ଏକ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ କରିଛନ୍ତି। ସେଠାରେ ଆନୁପାତିକ ପ୍ରତିନିଧିତ୍ୱକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଛି। ଫଳତଃ ସେଠାରୁ ମାଓବାଦୀ ହିଂସା ସଂପୂର୍ଣ୍ଣ ହଟିଯାଇଛି। ମାଓବାଦୀ ସଂଗଠନର ପ୍ରମୁଖ ନେତା ପ୍ରଚଣ୍ଡ ବାବୁ ଇତିମଧ୍ୟରେ ନେପାଳର ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ରାଜନୈତିକ ନ୍ୟାୟବୋଧର ଅଗ୍ରଗତି ଯାହା ନେପାଳର ଘଟିଛି ତାହା ଭାରତରେ ଘଟିବାକୁ ତୁରନ୍ତ ଦିଆଯାଉ। ମାଓବାଦୀ ମାନଙ୍କୁ ନେପାଳ ଭଳି ଭାରତରେ ରାଜନୈତିକ ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଉ। ହିଂସା ପ୍ରତିହିଂସାର ଅନ୍ତ ଘଟୁ। ରାଜନୈତିକ ନ୍ୟାୟବୋଧ ସର୍ବତ୍ର ଦୃଷ୍ଟିଗୋଚର ହେଉ। ସିଏମ୍ କେଜିର୍‌ୱାଲ୍, ସିଏମ୍ ମମତା, ସଏମ୍ କେ. ଚନ୍ଦ୍ରଶେଖର ରାଓ ଆଦି ନେତାମାନେ ରାଜନୈତିକ ନ୍ୟାୟବୋଧ ପାଇଁ କାମ କରନ୍ତୁ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Bhubaneswar Sunday April 30, 2023 ଭୁବନେଶ୍ୱର ରବିବାର, ଅପ୍ରେଲ ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ସ୍ୱାକ୍ଷରତା ସମିତି ପକ୍ଷରୁ ସିଲାଇ ତାଲିମ ଶିବିର ଉଦ୍‌ଘାଟିତ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଅଧିନସ୍ଥ ପାରାଦୀପ ସ୍ୱାକ୍ଷରତା ସମିତି ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏହି ପରିପ୍ରେକ୍ଷିରେ ସ୍ୱାକ୍ଷରତା ସମିତି ପକ୍ଷରୁ ମହିଳା ମାନଙ୍କ ସ୍ୱାବଲମ୍ବି ପାଇଁ ଏକ ସିଲାଇ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପାରାଦୀପ ଲେଡିଜ କ୍ଲବର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାକ୍ଷରତା କାର୍ଯ୍ୟାଳୟ ପରିସରରେ ଶନିବାର ସକାଳେ ଏହି ନୂତନ ସିଲାଇ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ମାଷ୍ଟର ଚୁନିଲାଲ ଦାସଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିରରେ ପ୍ରଥମ ପର୍ଯ୍ୟାୟରେ ୧୫ ଜଣ ମହିଳାଙ୍କୁ ତାଲିମ ଦିଆଯିବ । ଏହି କାର୍ଯ୍ୟକ୍ରମକୁ ପାରାଦୀପ ସ୍ୱାକ୍ଷରତା ସମିତିର ସଂପାଦକ ରାମଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ ।

# ବିଜେଡ଼ି ନେତାଙ୍କ ନକ୍ସଲ ସହାୟତା ଅଭିଯୋଗରେ କ୍ରାଇମ ବାଂଚ ତଦନ୍ତ ହେଉ: କଂଗ୍ରେସ



ଭୁବନେଶ୍ୱର ,(ପି.ଏନ): ଆଜି କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରି ପିସିସି ମିଡିଆ ଅଧକ୍ଷ ଗଣେଶ୍ୱର ବେହେରା ରାୟଗଡ଼ାର ଶାସକ ଦଳର ନେତା ତଥା ପୂର୍ବତନ ରାଜ୍ୟସଭା ସଭ୍ୟ ଏନ୍.ଭାସ୍କର ରାଓଙ୍କ ବିରୋଧରେ ନକ୍ସଲମାନଙ୍କୁ ଅର୍ଥ ସହାୟତା ଦେଉଥିବା ଅଭିଯୋଗରେ କ୍ରାଇମବ୍ରାଂଚ ତଦନ୍ତ ଦାବି କରିଛନ୍ତି। ଶ୍ରୀଯୁକ୍ତ ବେହେରା ଅଭିଯୋଗ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ରଖି ଉଲ୍ଲେଖ କରିଛନ୍ତି ଯେ ରାୟଗଡ଼ା ଟ୍ରକ ମାଲିକ ସଂଘର ସଦସ୍ୟ ଗଣମାଧମ ସାମନାରେ ନକ୍ସଲଙ୍କୁ ଅର୍ଥ ସହାୟତା ନିମନ୍ତେ ସେମାନଙ୍କ ଠାରୁ ଟ୍ରକ ପିଛା ୫୦ ଟଙ୍କା ଚାନ୍ଦା ଆଦାୟ କରାଯାଉଥିବା କହିଛନ୍ତି। ଏହି ଅଭିଯୋଗ ସତ୍ୟ ହୋଇଥିଲେ ସାଂଘାତିକ। ଟ୍ରକ ମାଲିକ ସଂଘ ଗତ ୧୮.୪.୨୦୨୩ ରେ ରାୟଗଡ଼ା ଥାନରେ ଆର୍ଥିକ ଅନିୟମିତତା ଓ ତୋଷାରପାତର ଅଭିଯୋଗ ମଧ କରିଛନ୍ତି ପୂର୍ବତନ ସାଂସଦଙ୍କ ବିରୋଧରେ। ପୋଲିସ ଉଭୟ କ୍ଷେତ୍ରରେ ନିରବ। ସୁତରାଂ ଆଇନ ତା ବାଟରେ ଯାଉଛି ? ନିଜ ବାଟରେ ନା ବିଜେଡ଼ି ବାଟରେ ? ଏବେ ବଓଆଉ ଆଇନ ତା ବାଟରେ ଯିବନ୍ତ ବୋଲି ଦମ୍ଭୋକ୍ତି ଶୁଣିବାକୁ ମିଳୁ ନାହିଁ କାହିଁକି ? ଶ୍ରୀ ବେହେରା ଦର୍ଶାଇଥିଲେ ଯେ ଦୀର୍ଘ ୧୧ ଦିନ ବିତିଯାଇଥିଲେ ମଧ, ଜିଲ୍ଲା କଂଗ୍ରେସ ତରଫରୁ ସାଂସଦ ସପ୍ତଗିରି ଉଲ୍ଲାକା ଓ ଜିଲ୍ଲା ସଭାପତି ଗତ ୨୫.୪.୨୦୨୩ ରେ ସାମ୍ବାଦିକ ସମ୍ମିଳନୀ ଡାକି ତଦନ୍ତ ଦାବି କରିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ। ଏହି ପ୍ରସଙ୍ଗରେ ମିଡିଆ ଅଧକ୍ଷ ପଶ୍ନ କରିଥିଲେ ଯେ ସରକାର କାହା ସ୍ୱାର୍ଥରେ ? ଆଇନ ସାଥୀରେ ନାଁ ଅପରାଧୀଙ୍କ ସାଥିରେ ? ଦ୍ୱିତୀୟରେ ନକ୍ସଲ ମୁକାବିଲା ମାମଲାରେ ସରକାର ଓ ସରକାରୀ ଦଳ ମଧରେ ପରସ୍ପର ବିରୋଧି ଆଭିମୁଖ୍ୟ କାହିଁକି ? ତୃତୀୟରେ ମାଓ ମୁକାବିଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟୀତ୍ୱ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏହି ସ୍ପର୍ଶକାତର ମାମଲାରେ ଚୁପ ବସିଛି କାହିଁକି ?ଅତଏବ ରାଜ୍ୟ ସରକାର ଏପରି ସଙ୍ଗୀନ ଅଭିଯୋଗର ସତ୍ୟ ଉଦଘାଟନ ନିମନ୍ତେ କ୍ରାଇମ ବ୍ରାଂଚ ତଦନ୍ତ ଘୋଷଣା କରନ୍ତୁ। ବ୍ୟତିକ୍ରମ ହେଲେ ଏହି ପ୍ରସଙ୍ଗକୁ ଧରି କଂଗ୍ରେସ ଲୋକଙ୍କ ପାଖକୁ ଯିବ ବୋଲି ଗଣେଶ୍ୱର ବେହେରା ଚେତାବନୀ ଦେଇଛନ୍ତି। ପିସିସିର ଏହି ସାମ୍ବାଦିକ ସମ୍ମିଳନୀରେ ଦୁଇ ବରିଷ୍ଠ ପିସିସି ମୁଖପାତ୍ର ଅମୀୟ କୁମାର ପାଣ୍ଡବ ଓ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ ବୋଲି ପିସିସି ଗଣମାଧମ ସଂଯୋଜକ ଦୀପକ ମହାପାତ୍ର ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଅଷ୍ଟ୍ରେଲିଆ ଓଡ଼ିଆ ସମାଜ ପକ୍ଷରୁ ସପ୍ତରଙ୍ଗ ସମାରୋହ ଆୟୋଜନ



କାନବେରା, (ପି.ଏନ): ଅଷ୍ଟ୍ରେଲିଆ ଓଡ଼ିଆ ସମାଜ; ଓରିଓଜ ଇଙ୍କ ଦ୍ୱାରା ଏହାର ଦଶମ ଦ୍ୱିବାର୍ଷିକ ଅଧିବେଶନ,ନ୍ତ ସପ୍ତରଙ୍ଗ-୨୦୨୩ନ୍ତ ମହାସମାରୋହରେ ଆୟୋଜନ କରାଯାଇଥିବା ଜଣାଯାଇଛି। ସମାବେଶରେ ଅଷ୍ଟ୍ରେଲିଆର ସମସ୍ତ ରାଜ୍ୟରୁ ଓଡ଼ିଆମାନେ ସେମାନଙ୍କର ପରିବାର ଓ ବନ୍ଧୁବାନ୍ଧବମାନଙ୍କ ସହିତ ଯୋଗ ଦେଇଥିବା ଦେଖାଯାଇଥିଲା। ଘର ବାହାରେ ଗୋଟିଏ ଘରେ ଏକଜୁଟ ହୋଇ ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି, ଉତ୍ତୁଙ୍ଗ ଐତିହ୍ୟ ଏବଂ ସଶକ୍ତ ଭାତୃତ୍ୱର ପରାକାଷ୍ଠାକୁ ପାଳନ କରିବାର ସ୍ମୃତି ନିଆରା ଏବଂ ଅବିସ୍ମରଣୀୟ ଥିଲା। ମହୋତ୍ସବ ସ୍ଥଳ କାନବେରାର ବଣ, ଜଙ୍ଗଲ, ବୃକ୍ଷ, ଲତା, ପାହାଡ, ପର୍ବତ ତଥା ଜଳପ୍ରପାତ ଘେରା ଓ ସବୁଜିମା ଭରା ସୁନ୍ଦର, ସୁଶୋଭିତ ଏବଂ ସୁରମ୍ୟ ଗ୍ରୀନ ହିଲ୍ସ ସେଣ୍ଟର ଥିଲା। ହସ, ମଜା, ମଜଲିସ, କୌତୁକ ଓ ମଉଛବ ବନାଇବା ତଥା ଶାରୀରିକ ଏବଂ ମାନସିକ ସ୍ତରର ସୁସ୍ଥତାକୁ ପୁନଉଜ୍ଜୀବିତ ଓ ଉତଫୁଲ୍ଲିତ କରିବା ପାଇଁ ଏହି ସମ୍ମିଳନୀ ସଠିକ୍ ସୁଯୋଗ ଆଣିଦେଇଥିଲା। ବିଶେଷକରି କରୋନାର ପ୍ରାଦୁର୍ଭାବ ଯୋଗୁଁ ଦୀର୍ଘ ପାଞ୍ଚ ବର୍ଷର ବ୍ୟବଧାନରେ ଏହି ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିବାରୁ ଅଂଶ ଗ୍ରହଣକାରୀ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅଜସ୍ର ଉତ୍ସାହ ଏବଂ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା। ସପ୍ତରଙ୍ଗ-୨୦୨୩କୁ ଭାରତୀୟ ହାଇକମିଶନର ପ୍ରତିନିଧି ଶ୍ରୀ ନରେନ୍ଦ୍ର ରଣା ଏବଂ ଫିନାକ୍ଟର ସଭାପତି ଶ୍ରୀ ଶାନ୍ତି ରେଡ୍ଡୀ ଉଦଘାଟନ କରିଥିଲେ। ଏହାପରେ ଓରିଓଜର ନବନିର୍ବାଚିତ ସଭାପତି ଡଃ ମନୋଜ ନାୟକ ଏବଂ ନୂଆ କାର୍ଯ୍ୟକାରୀ କମିଟି,ବିଦାୟୀ ସଭାପତି ଡଃ ନଳିନୀ ପତି ଓ ତାଙ୍କର ଟିମଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ବୈଠକକୁ ସମ୍ବୋଧନ କରି ଡଃ ପତି ତାଙ୍କର ତିନି ବର୍ଷର କାର୍ଯ୍ୟକାଳ ମଧ୍ୟରେ ସମଗ୍ର ଓରିଓଜ ପରିବାର ପକ୍ଷରୁ ଯେଭଳି ସ୍ନେହ, ଶ୍ରଦ୍ଧା, ସଦିଚ୍ଛା ଓ ସହଯୋଗ ଲାଭ କରିଛନ୍ତି, ସେଥିପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ମହାମାରୀର ପ୍ରକୋପ ସତ୍ତ୍ୱେ ତାଙ୍କର କମିଟି ଓରିଓଜକୁ ଆନ୍ତର୍ଜାତିକ ସ୍ୱୀକୃତି ପ୍ରଦାନ କରିବା ସହିତ ମାତୃପ୍ରଦେଶ ଓଡ଼ିଶାରେ ମଧ ସୁଖ୍ୟାତି ଲାଭ କରାଇପାରିଥିବା ଡଃ ପତି ପ୍ରକାଶ କରିଥିଲେ।ସଭାରେ ଅଭିଭାଷଣ ପ୍ରଦାନ କରି ଓରିଓଜର ସଭାପତି ଡଃ ମନୋଜ ନାୟକ ସପ୍ତରଙ୍ଗର ଅଭୂତପୂର୍ବ ସଫଳତା ପାଇଁ ସନ୍ତୋଷ ବ୍ୟକ୍ତ କରିଥିଲେ। ବିସ୍ତୃତ ଭୌଗଳିକ ଇଲାକାରେ ପରିବ୍ୟାପ୍ତ ସମଗ୍ର ଅଷ୍ଟ୍ରେଲିଆ ମହାଦେଶର ଓଡ଼ିଆ ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ମନ, ଏକ ପ୍ରାଣ ଏବଂ ଏକନିଷ୍ଠ ଭାବନା ଜାଗ୍ରତ କରାଇବା ତଥା ଏକ ବୃହତ୍ ପରିବାର ଭଳି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିବା ଦ୍ୱାରା ଏହି ମିଳନ ପର୍ବର ଅସଲ ଉଦ୍ଦେଶ୍ୟ ସାଧନ ହୋଇଥିବା ସେ ଉଲ୍ଲେଖ କରିଥିଲେ। ସବୁଠୁ ପ୍ରମୁଖ ବିଷୟ ହେଲା ଯେ ଆମର ବାଳୁତ ଓ ଯୁବ ସଦସ୍ୟ ମାନେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିବାରେ ଯେଉଁ ଭଳି ଭାବରେ ଅହେତୁକ ଆଗ୍ରହ ଓ ଅତୁଳନୀୟ ଆବେଗ ଦେଖାଇଲେ ତାହା ଦର୍ଶନୀୟ ବିଷୟବସ୍ତୁ ଥିଲା ବୋଲି ଡଃ ନାୟକ କହିଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅସୀମ କୃପା ଫଳରେ କାନବେରାର ଟିମ ଅସମ୍ଭବକୁ ସମ୍ଭବ କରି ଦେଖାଇ ପାରିଥିବା ସେ ସୂଚାଇଥିଲେ। ସମ୍ମିଳନୀର ସଫଳତା ପାଇଁ ଡଃ ନାୟକ ପ୍ରତ୍ୟେକ ରାଜ୍ୟର କର୍ମକର୍ତ୍ତା, ସାଂସ୍କୃତିକ ମୁଖ୍ୟ ଏବଂ ପୂର୍ବତନ ତଥା ବର୍ତ୍ତମାନର କାର୍ଯ୍ୟକାରୀ କମିଟିର ସଦସ୍ୟଗଣଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଓରିଓଜର ସାଙ୍ଗଠନିକସ୍ଥିତିକୁ ସୁଦୃଢ଼ କରିବା ନେଇ ଫଳପ୍ରସୂ ଯୋଗଦାନ ପାଇଁ ସଂସ୍ଥାର ବରିଷ୍ଠ ସଦସ୍ୟ ଶ୍ରୀ ଚାରୁ ଚନ୍ଦ୍ର ମିଶ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଥମ ଥର ପାଇଁ ଓଡ଼ିଶାର ଐତିହ୍ୟ ଓ ଇତିହାସକୁ ଆଧାର କରି ପରିକଳ୍ପନା କରାଯାଇଥିବା କୁଇଜ୍ ପ୍ରତିଯୋଗିତାକୁ ଦର୍ଶକ ମାନେ ଖୁବ ପସନ୍ଦ କରିଥିଲେ। ସେହିପରି ଓରିଓଜର ଯୁବ ବାହିନୀ ଦ୍ୱାରା ଚଳାଯାଇଥିବା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମଧ ଅଂଶଗ୍ରହଣକାରୀ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ସପ୍ତରଙ୍ଗ-୨୦୨୩ର ପ୍ରଧାନ ଆକର୍ଷଣ ବିବିଧ ରଙ୍ଗାରଙ୍ଗ ସାଂସ୍କୃତିକ ସଂରଚନା ଥିଲା। ଏ ମଧ୍ୟରେ ଭିନ୍ନ ଭିନ୍ନ ସ୍ୱାଦର ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତ ବୟସର କଳାକାରମାନଙ୍କୁ ନେଇ ପରିବେଷିତ ୫୫ ଟି ମନୋରଞ୍ଜକ ପ୍ରସ୍ତୁତି ଅନ୍ତର୍ଭୁକ୍ତ ଥିଲା। ପିଲା ମାନଙ୍କ ଦ୍ୱାରା ମଞ୍ଚ ଉପରେ ପ୍ରଦର୍ଶିତ ଶ୍ରେଷ୍ଠ ସୃଜନଶୀଳ କଳା ଚାତୁର୍ଯ୍ୟର ଅନୁଭବ ଖୁବ ରୋମାଞ୍ଚକ ଓ ଉପଭୋଗ୍ୟ ଥିଲା। ବିଭିନ୍ନ ପ୍ରଦେଶର ସାଂସ୍କୃତିକ ମୁଖ୍ୟ ମାନେ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଓଡ଼ିଶାରୁ ଆସିଥିବା ପରିଣତ ବୟସର ମାତାପିତା ଓ ପରିବାର ସଦସ୍ୟ ମାନେ ସମ୍ମିଳନୀର ବିଭିନ୍ନ ଉପସ୍ଥାପନାରେ ବଢ଼ିଚଢ଼ିକି ଭାଗ ନେବା ସାଙ୍ଗକୁ ପୁରା ଆସର କାଳରେ ଖୁବ୍ ଉତ୍ସାହିତ ଥିବା ନଜର କରାଯାଇଥିଲା। ଆଗନ୍ତୁକ ପ୍ରତିନିଧି ମାନଙ୍କୁ ନାନା କିସମର ପାରମ୍ପରିକ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନରେ ଆପ୍ୟାୟିତ କରାଯାଇଥିଲା।


# ADVERTISEMENT TARIFF

## WITH EFFECT FROM 1ST APRIL 2023

**B/W** Per Sq.cm Rs.

| | |
|---|---|
| Front Page | 100/- |
| Inner Page | 50/- |
| Back Page | 75/- |
| Ear Panel | 1500/- |
| Back Panel | 1000/- |
| Tender Notice | 50/- |
| Appointment | 50/- |

**Colour** Per Sq.cm Rs.

| | |
|---|---|
| Front Page | 200/- |
| Inner Page | 100/- |
| Back Page | 150/- |
| Ear Panel | 3000/- |
| Back Panel | 2000/- |

| | |
|---|---|
| Classified Advt | Rs.10/- per word,Bold Rs.20/- Box, Photograph-Rs.200/- (Extra< |

**N.B:- For Colour 100% Extra ▪ For Special position 25% Extra**

DIGITAL

Paryabekhyak e-paper (online Edition<

| Place | Size pixel | Rate |
|---|---|---|
| Left Banner Top | Regular size | Weekly-2500/- Monthly- 10,000/- |
| Right Banner Top | Regular size | Weekly-2500/- Monthly- 10,000/- |
| Left Banner Bottom | Regular size | Weekly-2000/- Monthly- 8,000/- |
| Right Banner Bottom | Regular size | Weekly-2000/- Monthly- 8,000/- |

Log on to www.paryabekhyak.com

* Conditions apply * Negotiable

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
N-4, F/24, IRC Village, Nayapalli, Bhubaneswar, Dist-Khordha,
Pin-751015, Phone : (0674< 2550751/2555116, Fax No. : 2550504 M-9853400829
E-mail: paryabekhyak@gmail.com
editorpbkc@gmail.com


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray